● ଦାଦାବଟି ମାଗିବା ଓ ହତ୍ୟା ଧମକ ମାମଲା

## ଫେରାର ଅଭିଯୁକ୍ତ କପିଳା ଗିରଫ

**ବ୍ରହ୍ମପୁର,୧୪।୧(ସମିସ):** ଜଣେ ବ୍ୟବସାୟୀକୁ ଦାଦାବଟି ମାଗିବା ଓ ହତ୍ୟା ଧମକ ଦେବା ଅଭିଯୋଗରେ ବଡ଼ ବଜାର ଥାନା ପୁଲିସ ଆଉ ଜଣେ ଫେରାର ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କପିଳା ପାତ୍ର ଓରଫ ଶୁଭମ(୧୯)। ପୂର୍ବରୁ ଏହି ମାମଲାରେ ଭାଲୁ ସାମଲ ତାଙ୍କ ପୁତୁରା ରିଙ୍କୁ ସାମଲ ଓ ସଞ୍ଜୟ ମହାପାତ୍ର ଓରଫ ମେଣ୍ଟାଲ ବିକି ଗିରଫ ହୋଇଥିବା ବେଳେ କପିଳାଙ୍କ ଗିରଫ ପରେ ଗିରଫ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ଏହି ମାମଲାରେ ଅଭିଯୁକ୍ତ ଭାଲୁ ସାମଲଙ୍କ ଏକାଧିକ ସହଯୋଗୀ ଫେରାର ରହିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟଯେ, ଶ୍ରୀରାମ ନଗର ନିବାସୀ କବିର ପାତ୍ର ଓରଫ କୁବେରଙ୍କ ଘର ନିକଟକୁ ଡିସେମ୍ବର ୧୯ ତାରିଖ ଦିନ ପ୍ରାୟ ୧୧ଟା ବେଳେ ଭାଲୁ ସାମଲ ଓ ତାର ସାଯୋଗୀମାନେ ଆସି ଗାଳି ଗୁଲଜ କରିଥିଲେ। ୨୧ ତାରିଖରେ ଭାଲୁ ସାମଲ ତାଙ୍କ ପୁତୁରା ରୀଙ୍କୁ ସାମଲ ଓ ମେଣ୍ଟାଲ ବିକିଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ଯୁବକ କବୀରଙ୍କୁ ୩୦ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ଟଙ୍କା ଦେବାକୁ କବିର ମନାକରିବାରୁ କବିର ଓ ତାଙ୍କ ପରିବାର ଲୋକଙ୍କୁ ହତ୍ୟା ଧମକ ହୋଇଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ପ୍ରର୍ଯ୍ୟାୟକ୍ରମେ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ଏକାଧିକ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଥାନା ଅଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି। ବୁଧବାର କପିଳାକୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।

## ପାର୍ଟ ଟାଇମ୍ ଚାକିରି ନାଁରେ ୨.୪ ଲକ୍ଷ ଠକେଇ

**ବ୍ରହ୍ମପୁର,୧୪।୧(ସମିସ):** ପାର୍ଟ ଟାଇମ ଚାକିରି ନାଁରେ ସାଇବର ଠକମାନେ ଜଣେ ଯୁବତୀଙ୍କଠାରୁ ୨ଲକ୍ଷ ୪୦ହଜାର ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ହୋଇଥିବା ଯୁବତୀ ଜଣଙ୍କ ଏନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ ଯେ, ଲାଞ୍ଜିପଲ୍ଲୀ ଅଞ୍ଚଳର ଏହି ୨୫ ବର୍ଷୀୟ ଯୁବତୀଙ୍କ ନିକଟକୁ କିଛି ଦିନ ପୂର୍ବେ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ଫୋନ କରିଥିବା ମହିଳା ଜଣଙ୍କ ଅନଲାଇନରେ ପାର୍ଟ ଟାଇମ ଚାକିରି ବିଷୟରେ ଯୁବତୀଙ୍କୁ ବୁଝାଇବା ସହ ତାଙ୍କ କମ୍ପାନୀ ଦ୍ୱାରା ପ୍ରଦାନ କରାଯାଉଥିବା ଅନଲାଇନ କାମ ସମ୍ପୂର୍ଣ୍ଣ କରିଦେଲେ ଦୈନିକ ଶହଶହ ଟଙ୍କା ରୋଜଗାର କରିପାରିବେ ବୋଲି କହିଥିଲେ। ଏହାପରେ ଯୁବତୀ ଜଣଙ୍କ ପାର୍ଟ ଟାଇମ ଚାକିରି କରି ଟଙ୍କା ରୋଜଗାର କରିବାକୁ ମନ ବଳାଇଥିଲେ। ହେଲେ ତାଙ୍କର ଟେଲିଗ୍ରାମ ଚ୍ୟାନେଲ ନଥିବାରୁ ସେହି ଆପ ଡାଉନଲୋଡ କରିବାକୁ ମହିଳା ଜଣଙ୍କ ଯୁବତୀଙ୍କୁ କହିଥିଲେ। ଯୁବତୀ ଜଣଙ୍କ ଟେଲିଗ୍ରାମ ଆପ ଡାଉନଲୋଡ କରିବା ପରେ ତାଙ୍କୁ କମ୍ପାନୀର ଟେଲଇଗ୍ରାମ ଚ୍ୟାନେଲରେ ଯୋଡି ଦିଆଯିବା ସହ ଅନଲାଇନରେ ଭିଡିଓକୁ ଲାଇକ କରିବା ଭଳି ଏକାଧିକ କାମ ଦିଆଯାଇଥିଲା। ସେହି କାମ ଶେଷ କରିବା ପରେ ଅନଲାଇନରେ ଟଙ୍କା ଇନଭେଷ୍ଟ କଲେ ମୋଟାଅଙ୍କର କମିଶନ ମିଳିବ ବୋଲି ଯୁବତୀଙ୍କୁ କୁହାଯାଇଥିଲା। ଏପରିକି ତାଙ୍କ କମ୍ପାନୀ ସମ୍ପୂର୍ଣ୍ଣ ଭାବେ ଭରସାଯୋଗ୍ୟ କମ୍ପାନୀ ଏବଂ ଏଥିରେ ଇନଭେଷ୍ଟ କଲେ କୌଣସି ପ୍ରକାର ଠକେଇର ସମ୍ଭାବନା ନାହିଁ ବୋଲି ମହିଳା ଜଣଙ୍କ କହିଥିଲେ। ସେହି ଟେଲିଗ୍ରାମ ଚ୍ୟାନେଲ ଓ ଗ୍ରୁପରେ ଥିବା ସଦସ୍ୟମାନେ ଅନେକ ଟଙ୍କା ଲାଭ ପାଇଥିବା ଯୁବତୀଙ୍କୁ କୁହାଯାଇଥିଲା। ଏନେଇ ଯୁବତୀଙ୍କ ନିକଟକୁ ପ୍ରମାଣ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ମହିଳାଙ୍କ କଥାରେ ବିଶ୍ୱାସ କରି ଅନଲାଇନରେ ଇନଭେଷ୍ଟ କରି ଲାଭବାନ ହେବା ଲୋଭରେ ଯୁବତୀ ଜଣଙ୍କ ବିଭିନ୍ନ ପର୍ଯ୍ୟାୟରେ ନିଜ ବ୍ୟାଙ୍କ ଆକାଉଣ୍ଟ ଓ ତାଙ୍କ ଭାଇଙ୍କ ବ୍ୟାଙ୍କ ଆକାଉଣ୍ଟ ସମେତ ୟୁପିଆଇ ଆଇଡିରୁ ସାଇବର ଠକମାନେ ଦେଇଥିବା ବ୍ୟାଙ୍କ ଆକାଉଣ୍ଟକୁ ୨ଲକ୍ଷ ୪୦ହଜାର ଟଙ୍କା ପଠାଇଥିଲେ। ହେଲେ ଇନଭେଷ୍ଟ କରିବା ପରେ ତାଙ୍କୁ କୌଣସି ପ୍ରକାର ଲାଭ ମିଳିନଥିଲା। ଓଲଟି ସାଇବର ଠକମାନେ ଅଧିକ ଟଙ୍କା ଇନଭେଷ୍ଟ କରିବାକୁ ତାଙ୍କୁ ବାଧ କରିଥିଲେ। ଏହାପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।

### ଆଗକୁ ସାଂଗଠନିକ ଜିଲ୍ଲା କର୍ମକର୍ତ୍ତା ନିର୍ବାଚନ

# ଉଗ୍ର ହେଉଛି ବିଜେପିର ଆଭ୍ୟନ୍ତରୀଣ କନ୍ଦଳ!

**ବ୍ରହ୍ମପୁର,୧୪।୧(ସମିସ)**

ଆଗକୁ ବିଜେପିର ସାଂଗଠନିକ ଜିଲ୍ଲା କର୍ମକର୍ତ୍ତା ନିର୍ବାଚନ। କିନ୍ତୁ ଦଳର ସାଂଗଠନିକ ସ୍ଥିତି ସେତେଟା ସୁଦୃଢ଼ ନ ଥିବା ବେଳେ ଦଳ ଭିତରେ ଗୋଷ୍ଠୀ ବିବାଦ ଦଳୀୟ ନେତାଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଏଭଳି ପରିସ୍ଥିତିରେ ଗଞ୍ଜାମ ଜିଲ୍ଲା ସଭାପତି ପଦବୀ ପାଇଁ ୮ରୁ ଅଧିକ ଆଶାୟୀ ପ୍ରାର୍ଥୀଙ୍କ ଆବିର୍ଭାବ ଦଳୀୟ ନେତାଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଦଳ ଭିତରେ ନୂଆ ଓ ପୁରୁଣା ନେତାଙ୍କ ଗୋଷ୍ଠୀ ଭିତରେ ବିବାଦ ଉଗ୍ର ହୋଇଛି।

ବ୍ରହ୍ମପୁର ସାଂଗଠନିକ ଜିଲ୍ଲାରେ ଛତ୍ରପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି ଓ ଗୋପାଳପୁର ଭଳି ୫ଟି ବିଧାନସଭା ମଣ୍ଡଳୀ ରହିଛି। ସେହିଭଳି ଘୁମୁସର ସାଂଗଠନିକ ଜିଲ୍ଲାରେ ସୋରଡା, ହିଞ୍ଜିଳି, ପୋଲସରା, ସାନଖେମୁଣ୍ଡି, ଖଲ୍ଲିକୋଟ, ଆସିକା ଓ କବିସୂର୍ଯ୍ୟନଗର ଭଳି ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି। ଆଗକୁ ଏହି ସାଂଗଠନିକ ଜିଲ୍ଲା ଗଞ୍ଜାମ ଓ ବ୍ରହ୍ମପୁରରୁ ବୃଦ୍ଧି ପାଇ ଋଷିକୂଲ୍ୟା ଭଳି ଆଉ ଏକ ସାଂଗଠନିକ ଜିଲ୍ଲାରେ ବିଭକ୍ତ ହୋଇ ଏହି ସଂଖ୍ୟା ୨ରୁ ୩କୁ ବୃଦ୍ଧି ପାଇବ ବୋଲି ଜଣାପଡିଛି। ଗତ ସାଧାରଣ ନିର୍ବାଚନ ସମୟରେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ବିଭୂତି ଭୂଷଣ ଜେନାଙ୍କୁ ଦାୟିତ୍ୱରୁ ଅନ୍ତର କରାଯାଇ ଡାକ୍ତର ସୁବାସ ସାହୁଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିଭଳି ଘୁମୁସର ଜିଲ୍ଲା ସଭାପତି ଭାବେ ଗୋକୁଳାନନ୍ଦ ମଲ୍ଲିକଙ୍କ ସ୍ଥାନରେ ବିଜୟ ସ୍ୱାଇଁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତେବେ ବର୍ତ୍ତମାନ ପରିସ୍ଥିତିରେ ସରକାର ବଦଳିବା ସହିତ କାମଚଳା କମିଟିକୁ ଭଙ୍ଗ କରି ବୁଥ୍, ମଣ୍ଡଳ, ଜିଲ୍ଲା ଏପରିକି ରାଜ୍ୟ ସଭାପତି ପଦବୀ ପାଇଁ ନିର୍ବାଚନ କରି ନୂତନ କର୍ମକର୍ତ୍ତାଙ୍କୁ ଚୟନ କରିବା ପାଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ମୋଟ ୩୫ଟି ସାଂଗଠନିକ ମଣ୍ଡାଳ ମଧ୍ୟରୁ ୧୯ଟିର କର୍ମକର୍ତ୍ତା ଚୂଡାନ୍ତ ହୋଇସାରିଥିବା ଜଣାପଡିଛି। ତେବେ




**୩୫ ସାଂଗଠନିକ ମଣ୍ଡଳରୁ ଘୋଷିତ ହୋଇଛି ମାତ୍ର ୧୯ର କର୍ମକର୍ତ୍ତା**

**ଜିଲ୍ଲା ସଭାପତି ପାଇଁ ୪ ବିରୋଧୀ ଗୋଷ୍ଠୀରୁ ଅଛନ୍ତି ୮ରୁ ଊର୍ଦ୍ଧ୍ୱ ଆଶାୟୀ**

ମଣ୍ଡଳସ୍ତରୀୟ ସଭାପତି ପାଇଁ ୩୫ରୁ ୪୫ବର୍ଷ ବୟସ ହୋଇଥିବା ଜରୁରୀ ଥିବା ବେଳେ ଜିଲ୍ଲା ସଭାପତି ପଦବୀ ପାଇଁ ଜଣେ ବ୍ୟକ୍ତି ଦଳରରେ ଅନ୍ୟୂନ ୬ବର୍ଷ ସକ୍ରିୟ ସଦସ୍ୟ ଥିବା ସହିତ ୪୫ରୁ ୬୦ବର୍ଷ ହୋଇଥିବା ଜରୁରୀ। ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କୁ ଏହି ଗୁରୁ ଦାୟିତ୍ୱ ଦେବା ସପକ୍ଷରେ ଦଳୀୟ ନୀତିନିୟମ ନଥିବା ଜଣାପଡିଛି। ଗତ ସାଧାରଣ ନିର୍ବାଚନ ସମୟରେ ବହୁ ବିଧାୟକ ନିର୍ବାଚିତ ହୋଇଥିଲେ ହେଁ ସେମାନେ ଅନ୍ୟ ଦଳରୁ ଆସି ନିର୍ବାଚିତ ହୋଇଥିବା ଦେଖିବାକୁ ମିଳିଛି। ଫଳରେ ଦଳୀୟ ନୀତି ନିୟମ ପ୍ରକାରେ ଏଭଳି କୌଣସି ବ୍ୟକ୍ତି ବା ନିର୍ବାଚିତ ପ୍ରତିନିଧି ଯେଉଁମାନେ ୬ବର୍ଷରୁ କମ୍ ସମୟ ଦଳରେ ଅଛନ୍ତି ସେମାନେ ଜିଲ୍ଲା ସଭାପତି ପଦବୀ ପାଇଁ ଯୋଗ୍ୟ ହୋଇପାରିବେ ନାହିଁ। ଫଳରେ କେବଳ ଦଳର ପୁରୁଣା ବ୍ୟକ୍ତି ସେପୁଣି ୪୫ବର୍ଷରୁ ୬୦ବର୍ଷ ବୟସରୁ ବ୍ୟକ୍ତି ହିଁ ଏହି ପଦବାଚ୍ୟ ହୋଇପାରିବେ। ଏଣୁ ଆଗକୁ ହେବାକୁ ଥିବା ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ପଦବୀ ପାଇଁ ଅନ୍ୟୂନ ୮ ଜଣ ଆଶାୟୀ ପ୍ରାର୍ଥୀ ଥିବା ଜଣାପଡିଛି। ଗଞ୍ଜାମ ଜିଲ୍ଲାରେ ବିଜେପି ୪ଟି ଗୋଷ୍ଠୀରେ ବିଭକ୍ତ ହୋଇଥିବା ବେଳେ ସେଥିମଧ୍ୟରୁ ପୁରୁଣା ବିଜେପି, ନୂଆ ବିଜେପି, ବିଭୂତି ଓ ପ୍ରଦୀପ ଗୋଷ୍ଠୀ ଭଳି ବିଭକ୍ତ ହୋଇସାରିଛି। ଆଗକୁ ହେବାକୁ ଥିବା ଦଳୀୟ ସାଂଗଠନିକ ନିର୍ବାଚନ ପାଇଁ ବିଭିନ୍ନ ଗୋଷ୍ଠୀ ପକ୍ଷରୁ ବିବାଦ ଓ ଗଣ୍ଡଗୋଳ ଭଳି ପରିସ୍ଥିତି ସୃଷ୍ଟି ହୋଇସାରିଛି। ବର୍ତ୍ତମାନ ଜିଲ୍ଲା ସଭାପତି ଦୌଡରେ ପ୍ରଭାତ ଷଡ଼ଙ୍ଗୀ, ଚିନ୍ମୟାନନ୍ଦ ମହାରାଜ, ସରୋଜ ସାବତ, ମୀନା ଦ୍ୟାନସାମନ୍ତରା, ଅନୁଜା ନନ୍ଦ ବିଶ୍ୱାଳ, ବବିତା ପାତ୍ର, ଗୌରୀ ସାମନ୍ତରାୟ ଓ ସବିତା ସୁଆର ପାଣିଗ୍ରାହୀଙ୍କ ଭଳି ନେତା ଓ ନେତ୍ରୀ ଆଗରେ ଅଛନ୍ତି। ଜିଲ୍ଲା ସଭାପତି ଦୌଡରେ ଥିବା ମୀନା ଦ୍ୟାନସାମନ୍ତରା ଚିକିଟି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରାଙ୍କ ପତନୀ ହୋଇଥିବା ବେଳେ ବବିତା ପାତ୍ର ରାଜ୍ୟ ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା, ସବିତା ସୁଆର ପାଣିଗ୍ରାହୀ ବ୍ରହ୍ମପୁର ମେୟର ପ୍ରାର୍ଥନୀ ଥିବା ବେଳେ ଅନୁଜା ନନ୍ଦ ବିଶ୍ୱାଳ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅଛନ୍ତି। ଗତ ନିର୍ବାଚନ ସମୟରେ ସରୋଜ ସାବତ, ମନୋରଂଜନ ଦ୍ୟାନସାମନ୍ତରା, ଝୁଲୁ ସାହୁ ଓ ବିଭୁତି ଜେନାଙ୍କ ଭଳି ୪ଜଣଙ୍କ ମଧ୍ୟରୁ ବିଭୂତି ଜେନା ନିର୍ବାଚିତ ହୋଇ ଜିଲ୍ଲା ସଭାପତି ହୋଇଥିଲେ। ଦଳୀୟ ନିତି ନିୟମ ପ୍ରକାରେ ବୟସ ଓ ସର୍ବନିମ୍ନ ୬ବର୍ଷ ସଦସ୍ୟତା ଦୃଷ୍ଟିରୁ ବର୍ତ୍ତମାନର ସଭାପତି ଡାକ୍ତର ସୁବାସ ସାହୁ, କାମନା ପାଢୀ, ପିତବାସ ପଣ୍ଡା ଓ କାହ୍ନୁ ଚରଣ ପତିଙ୍କ ଭଳି ବହୁ ଆଶାୟୀଙ୍କ ନାମ ତାଲିକାରୁ ବା ଦୌଡରୁ ବାଦ ପଡିଥିବା ଜଣାପଡିଛି। ତେବେ ଆଗକୁ ଜିଲ୍ଲା ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ କାହାକୁ ମିଳିବ ସେପୁଣି ମନ୍ତ୍ରୀ ବିଭୂତି ଜେନା ଅଥବା ସାଂସଦ ପ୍ରଦୀପ ପାଣିଗ୍ରହୀଙ୍କ ଖାସ ଲୋକଙ୍କୁ ନା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଅଥବା ପୁରୁଣା ବିଜେପି ନେତାଙ୍କ ସମର୍ଥକଙ୍କୁ ମିଳିବ ତାକୁ ନେଇ ଚାଲିଛି କସରତ। ଏହି ଦଳୀୟ ସାଂଗଠନିକ ନିର୍ବାଚନକୁ ନେଇ ଦଳ ଭିତରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ବିବାଦ କାହାକୁ ଅଛପା ନାହିଁ। ତେବେ ଦଳର ଆଗାମୀ ଜିଲ୍ଲା ସଭାପତି କିଏ ହେବ ଓ ତାଙ୍କୁ କିଭଳି ସମର୍ଥନ ମିଳୁଛି ତାହା ଉପରେ ରହିଛି ସମସ୍ତଙ୍କ ନଜର।

## ମକର ପାଇଁ ଗୋପାଳପୁର ବେଳାଭୂମିରେ ଭିଡ଼



**ବ୍ରହ୍ମପୁର,୧୪।୧(ସମିସ):** ମକର ସଂକ୍ରାନ୍ତି ଅବସରରେ ଗୋପାଳପୁର ବେଳାଭୂମିରେ ୧୦ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ଦିନତମାମ ଭିଡ଼ ଦେଖିବାକୁ ମିଳିଛି। ତେଲୁଗୁ ସମ୍ପ୍ରଦାୟର ଲୋକେ ନିଜ ନିଜ ଘରେ ନୂତନ ବସ୍ତ୍ର ଧାରଣ କରି ବିଭିନ୍ନ ପ୍ରକାର ପିଠା ପଣା ଆଦି କରି ଘରେ ପୂଜାପାଠ କରିଥାନ୍ତି। ସନ୍ଧ୍ୟାରେ ସ୍ଥାନୀୟଅଂଚଳ ସମେତ ଆଖପାଖ ଅଂଚଳରୁ ଲୋକେ ନିଜ ପରିବାର ସହ ବେଳାଭୂମିକୁ ଆସି ବେଳାଭୂମିରେ ନାଚଗୀତ ଓ କେକ୍ କାଟିବା ସହ ବିଭିନ୍ନ ପିଠା ଖାଇ ମଜା ନେଇଥିଲେ। ଏହାସହ ସମୁଦ୍ରରେ ଜଳକ୍ରୀଡ଼ା କରିବା ସହ ନିଜ ନିଜ ମୋବାଇଲରେ ସେଲଫି ନେଉଥିବା ବେଳେ କିଛି ଲୋକେ ଗୁଡ଼ି ଉଡ଼ାଉଥିବା ଦେଖିବାକୁ ମିଳିଛି। ବେଳାଭୂମିରେ ଥିବା ଉଠା ଦୋକାନୀ, ଫାଷ୍ଟଫୁଡ ଭିଡ଼ ରହିଥିବା ଦେଖିବାକୁ ମିଳିଛି।

## ବୁଢ଼ୀ ଠାକୁରାଣୀ ମନ୍ଦିରରେ ମକର ଭିଡ଼

**ବ୍ରହ୍ମପୁର,୧୪।୧(ସମିସ):** ମକର ସଂକ୍ରାନ୍ତିରେ ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରର ସମସ୍ତ ମଠ ମନ୍ଦିର ଆଦିରେ ସ୍ୱତନ୍ତ୍ର ନୀତିକାନ୍ତି ବିଭିନ୍ନ ମନ୍ଦିରରେ ପାଳିତ ହୋଇଛି। ବିଶେଷ କରି ମକର ଚାଉଳ ସହ ମୁଆଁ ଭୋଗ ଲାଗି ହୋଇଛି। ସହରର ଉତ୍ତରେଶ୍ୱର ଜଗନ୍ନାଥ ମନ୍ଦିର, ବଡ଼ ବଜାର, ସାନ ବଜାର, ବିଜିପୁର, କୋର୍ଟପେଟା ଆଦି ସମେତ ସମସ୍ତ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତିରେ ପୂଜାର୍ଚ୍ଚନା ସହ ମକର ଚାଉଳ ଓ ମୁଆଁ ଭୋଗ ଲାଗି ହୋଇଛି। ମକର ଦିନ ସଂଗାତ, ମୈତ, ବନ୍ଧୁ ବାନ୍ଧବଙ୍କୁ ମଧ୍ୟ ମକର ଚାଉଳ ଓ ମୁଆଁ ବଣ୍ଟନ କରାଯାଇଛି। ଏହା ଦୀର୍ଘ ବର୍ଷ ଧରି ଚାଲିଥିବା ଏକ ପରମ୍ପରା ବୋଲି କୁହାଯାଉଛି। ଅନ୍ୟପକ୍ଷରେ ନୂଆ ଧାନରୁ ପ୍ରସ୍ତୁତ ଅରୁଆ ଚାଉଳ, ଗୁଡ଼, ଛେନା, ନଡ଼ିଆ, ପାଚିଲା କଦଳୀ, ଘିଅ, କ୍ଷୀର ଇତ୍ୟାଦିରେ ଭୋଗ ବା "ମକର ଚାଉଳ' ତିଆରି ହୁଏ। ଏହି ଭୋଗ ଖିଆଇ ଲୋକେ 'ମକର' ବସାନ୍ତି। ଏଣୁ ଏହି ଦିନର ସ୍ୱତନ୍ତ୍ରତା ରହିଛି। ସେହିଭଳି ବ୍ରହ୍ମପୁର ଆରାଧ୍ୟ ଦେବୀ ମା' ବୁଢୀ ଠାକୁରାଣୀ ପୀଠରେ ମଧ୍ୟ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଦେଖିବାକୁ ମିଳିଛି। ଏଠାରେ ମୁଆଁ ସମେତ ମକର



ଚାଉଳ ଆଦି ବିଭିନ୍ନ ଭୋଗ ଲାଗି ହୋଇଛି। ତେଲୁଗୁ ଭାଇଭଉଣୀଙ୍କ ଘରେ ଘରେ ଏହି ପର୍ବକୁ ଖୁସିର ସହ ପାଳନ କରାଯାଇଛି।

ମା' ତାରାତାରିଣୀ ମନ୍ଦିର ଯାତାୟତରେ ଅବ୍ୟବସ୍ଥା

## ଘାଟିରାସ୍ତାରେ ଓଭର୍‌ଲୋଡ, ହନ୍ତସନ୍ତ ବରିଷ୍ଠ ନାଗରିକ

**ବ୍ରହ୍ମପୁର,୧୪।୧(ସମିସ):** ମକର ସଂକ୍ରାନ୍ତି ଲାଗି ଚଳଚଞ୍ଚଳ ଗଞ୍ଜାମ ଜିଲ୍ଲା। ବିଭିନ୍ନ ପର୍ଯ୍ୟଟନ ସ୍ଥଳ ଓ ମନ୍ଦିର ମାନଙ୍କରେ ପ୍ରବଳ ଭିଡ଼ ଦେଖାଦେଇଛି। ଏହିକ୍ରମରେ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀ ମନ୍ଦିରରେ ବହୁଳ ମାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। କିନ୍ତୁ ପରିଚାଳନା ଗତ ତ୍ରୁଟି ଯୋଗୁଁ ବହୁ ବରିଷ୍ଠ ଶ୍ରଦ୍ଧାଳୁ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ପ୍ରକାରେ ମନ୍ଦିର ଉପରକୁ ଯିବା ଲାଗି ଏଠାରେ ବସ ବ୍ୟବସ୍ଥା ରହିଛି।



ଶ୍ରଦ୍ଧାଳୁମାନେ ଜଣକ ପିଛା ୩୦ଟଙ୍କା ଲେଖାଏଁ ଟିକଟ କରି ମନ୍ଦିର ନିକଟକୁ ଘାଟି ରାସ୍ତାରେ ବସଯୋଗେ ଯାଇଥାନ୍ତି। ମଙ୍ଗଳବାର କିନ୍ତୁ ବସ ଗୁଡ଼ିକରେ ପ୍ରବଳ ଭିଡ଼ ଦେଖା ଦେଇଥିଲା। ବସ କର୍ତ୍ତୃପକ୍ଷ ମଧ୍ୟ ଶ୍ରଦ୍ଧାଳୁଙ୍କ ଗମନାଗମନକୁ କିଭଳି ସୁଗମ କରିବେ ସେନେଇ ଦୃଷ୍ଟି ଦେଇନଥିଲେ। ମନ୍ଦିରୁ ପାଦଦେଶରୁ ଉପରକୁ ଯାତାତୟ କରିବା ଘାଟି ରାସ୍ତା ହୋଇଥିଲେ ହେଁ ବସ ଗୁଡ଼ିକରେ ଅଧିକ ଯାତ୍ରୀଙ୍କୁ ନିଆ ଯାଉଥିଲା। ବହୁ ବରିଷ୍ଠ ଘାଟି ରାସ୍ତାରେ ବସରେ ଠିଆ ହୋଇ ଯାତ୍ରା କରିଥିଲେ। ଏହା ପରିଚାଳନା କରିବା ଲାଗି ବସରେ ଡ୍ରାଇଭର ବ୍ୟତୀତ ଅନ୍ୟ କେହି କର୍ମଚାରୀ ମଧ୍ୟ ନଥିଲେ। ଡ୍ରାଇଭର ଗାଡ଼ି ସମ୍ଭାଳିବା ପରିବର୍ତ୍ତେ ଏଗୁଡ଼ିକ ଉପରେ ଧ୍ୟାନ ଦେଉନଥିଲେ। ଫଳରେ ବହୁ ବରିଷ୍ଠ ନାଗରିକ ମା'ଙ୍କୁ ଦର୍ଶନ କରିବା ଲାଗି ଯାଇ ହନ୍ତସନ୍ତ ହୋଇ ଫେରିଛନ୍ତି। ବହୁ ଦୂର ଦୂରାନ୍ତରୁ ଯାଇ ଏହି ବ୍ୟବସ୍ଥାକୁ ନାପସନ୍ଦ କରିଛନ୍ତି। ଘାଟି ରାସ୍ତାରେ ଓଭରଲୋଡ଼ ଯିବା କେତେ ଯୁକ୍ତିଯୁକ୍ତ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ଏଠାରେ ବସଯୋଗେ ଯାତାୟତ କରିବା ଲାଗି ୩୦ଟଙ୍କା ପୈଠ କରୁଥିଲେ ହେଁ ଏଥିଜନିତ ସୁବିଧା ସୁଯୋଗ ଲୋକଙ୍କୁ ମିଳୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆଗାମୀ ଦିନରେ ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି। ନଚେତ ବରିଷ୍ଠ ମାନେ ତାରାତାରିଣୀ ମନ୍ଦିର ଯାତ୍ରା କରିବା ବେଳେ କିଛି ବି ଅଘଟଣକୁ ଏଡ଼ାଇ ଦିଆଯାଇନପାରେ ବୋଲି କିଛି ଶ୍ରଦ୍ଧାଳୁ ମତବ୍ୟକ୍ତ କରିଛନ୍ତି। ସେହିଭଳି ଆବଶ୍ୟକତାରୁ ଅଧିକ ଯାତ୍ରୀ ପରିବହନ କରୁଥିବା ଏହି ବସ ଗୁଡ଼ିକ ବିରୋଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

ପ୍ରହସନ ପାଲଟିଛି ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନିୟମ

# ପୁରୁଣା ନମ୍ବର ପ୍ଲେଟ୍‌ରେ ଚାଲିଛି ମାଳମାଳ ଗାଡ଼ି

**ବ୍ରହ୍ମପୁର,୧୪।୧(ସମିସ)**

ଅପରାଧିକ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସମଗ୍ର ଦେଶରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବାକୁ ସବୁ ରାଜ୍ୟକୁ ପରାମର୍ଶ ଦେଇଥିଲେ। ଓଡ଼ିଶାରେ କିଛି ବର୍ଷ ପୂର୍ବେ ନୂତନ ଗାଡ଼ିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବା ନିୟମ ଲାଗୁ ହୋଇଛି। ଜଣେ ବ୍ୟକ୍ତିଙ୍କୁ ଗାଡ଼ି ବିକିବା ବେଳେ ଶୋ'ରୁମ୍ କର୍ତ୍ତୃପକ୍ଷ ଏହି ନମ୍ବର ପ୍ଲେଟ ଲଗାଇ ଦେବେ। ବିନା ନମ୍ବର ପ୍ଲେଟରେ କୌଣସି ଗାଡ଼ି ରାସ୍ତାରେ ଗଡ଼ିପାରିବ ନାହିଁ। ଯଦି କୌଣସି ଶୋ'ରୁମ୍ ମାଲିକ ବିନା ନମ୍ବର ପ୍ଲେଟରେ ଗାଡ଼ି ଗ୍ରାହକଙ୍କୁ ଦେଇଥାନ୍ତି, ତାହାହେଲେ ମୋଟରଯାନ ନିୟମ ଅନୁଯାୟୀ ଫାଇନ କରାଯିବର ମଧ୍ୟ ନିୟମ ରହିଛି। ଏହା ସହ ସମସ୍ତ ଗାଡ଼ି ଗୁଡ଼ିକରେ ପୁରୁଣା ନମ୍ବର ପ୍ଲେଟ ବଦଳରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ







ଲଗାଇବାକୁ ନିୟମ ରହିଛି। କିନ୍ତୁ ବ୍ରହ୍ମପୁର ସହରରେ ଏହି ହାଇସିକ୍ୟୁରିଟି ନମ୍ବର ପ୍ଲେଟ ନିୟମ ପ୍ରହସନ ପାଲଟିଛି। ସହରର ବିଭିନ୍ନ ସ୍ଥାନରେ ପୁରୁଣା ଗାଡ଼ି ଗୁଡ଼ିକରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଲାଗିନାହିଁ। ଏହା ସହ କିଛି ନୂତନ ଗାଡ଼ି ବିନା ନମ୍ବର ପ୍ଲେଟରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। କିନ୍ତୁ ବ୍ରହ୍ମପୁର ଟ୍ରାଫିକ ପୁଲିସ ଓ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ଏଭଳି ଅମାନିଆଙ୍କ ବିରୋଧରେ କୌଣସି କାର୍ଯ୍ୟନୁଷ୍ଠାନ ନେବା ବଦଳରେ ଚୁପ ରହୁଥିବା ଅଭିଯୋଗ ହୋଇଛି। ଫଳରେ ଅନେକ ସମୟରେ ଅପରାଧ ଘଟାଇ ସହଜରେ ଖସିଯିବା ପାଇଁ ନମ୍ବରବିହୀନ ଗାଡ଼ିକୁ ବ୍ୟବହାର କରୁଛନ୍ତି ଦୁର୍ବୃତ୍ତ। ଆର୍‌ଟିଓ କିମ୍ବା ପୁଲିସ ପକ୍ଷରୁ ଏଭଳି ଗାଡ଼ିଗୁଡ଼ିକର ଯାଞ୍ଚ କରାଯାଉନାହିଁ। ଏହି ନିୟମ କେବଳ କାଗଜପତ୍ରରେ ସୀମିତ ରହିଛି। ଅନ୍ୟପକ୍ଷରେ ମୋଟର ଆଇନ ଯାନ ଅନୁସାରେ ଏଚ୍ଏସଆର୍‌ପି ଏବଂ କଲର କୋଡ଼ ଷ୍ଟିକର୍ ନ ଲଗାଇଥିବା ଗାଡ଼ି ଗୁଡ଼ିକରୁ ୫ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଗଲା। ସେତେବେଳେ ପଞ୍ଜୀକରଣ କରିବା ଓ ପ୍ଲେଟ୍ ପାଇଁ ଶୋ' ରୁମରେ ଯାଇ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଧାଡ଼ି ଲଗାଇବାକୁ ପଡୁଥିଲା।

୨୦୧୯ ଏପ୍ରିଲ୍ ୧ ତାରିଖ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଯାନରେ ଏଚ୍ଏସଆର୍‌ପି ଲଗାଇବାକୁ ବାଧ୍ୟତାମୂଳକ କରାଯାଇଥିଲା। ଯେଉଁ ଗାଡ଼ିର ନମ୍ବର ୧, ୨, ୩, ୪, ୫ ଓ ୬ରେ ଶେଷ ହେଉଥିଲା ସେଥିପାଇଁ ୨୦୨୨ଡିସେମ୍ବର ୩୧ ତାରିଖ, ୭ ଓ ୮ ସଂଖ୍ୟାରେ ସମାପ୍ତ ହେଉଥିବା ଯାନ ପାଇଁ ୨୦୨୩ ଜାନୁଆରୀ ୩୧ ଏବଂ ୯ ଓ ୧୦ରେ ଶେଷ ହେଉଥିବା ଯାନ ପାଇଁ ୨୦୨୩ଫେବ୍ରୁଆରି ୨୮କୁ ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା। ହେଲେ ସମୟ ଗଡ଼ିବା ସହ ସବୁ କଟକଣା ପ୍ରହସନ ପାଲଟିଥିବା ମନେ ହେଉଛି। ସରକାରଙ୍କ ନିୟମ ଅନୁସାରେ ନୂତନ ପଞ୍ଜୀକରଣ କରୁଥିବା ଗାଡ଼ି ଏହି ନମ୍ବର ପ୍ଲେଟର ବ୍ୟବହାର କରିବାକୁ ବାଧ୍ୟ ହେଉଥିବା ବେଳେ ପୁରୁଣା ଓ ଅବଧି ନଥିବା ଗାଡ଼ି ଏହି ନିୟମକୁ ଫାଙ୍କି ଚାଲିଛନ୍ତି। ପ୍ରଶାସନର କଟକଣା ଓ ଯାଞ୍ଚ ନେଇ କୌଣସି ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ପାଳନ କରାଯାଉ ନଥିବାରୁ ଜନସାଧାରଣ ମଧ୍ୟ ଏହି ନିୟମକୁ ପାଳନ କରୁନାହାନ୍ତି। ତେଣୁ ଜିଲ୍ଲା ପରିବହନ ବିଭାଗ ଓ ଟ୍ରାଫିକ ପୁଲିସ ପକ୍ଷରୁ ଏଥି ପ୍ରତି ଦୃଷ୍ଟି ଦେବା ସହ ନିୟମ ଅବମାନନା କରୁଥିବା ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଏନେଇ ଆମ୍ଭେ ଜିଲ୍ଲା ପରିବହନ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇନଥିଲା।

## କଳିଙ୍ଗ ମହୋତ୍ସବ ଉଦ୍‌ଘାଟିତ



**ବ୍ରହ୍ମପୁର,୧୪।୧(ସମିସ):** ସରକାରୀ ଆଇଟିଆଇ ପ୍ରେକ୍ଷାଳୟରେ ଦୁଇ ଦିନିଆ କଳିଙ୍ଗ ମହୋତ୍ସବ ମଙ୍ଗଳବାର ଉଦଘାଟିତ ହୋଇଛି। ଅଭିଷେକ କ୍ରିଏସନ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଖଣି ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ ଉଦଘାଟନ କରି ଅତୀତର କଳା ସଂସ୍କୃତି, ଐତିହ୍ୟକୁ ପୁନଃର୍ଜୀବିତ କରିବା କ୍ଷେତ୍ରରେ ଏପରି ପ୍ରୟାସକୁ ସେ ପ୍ରସଂଶା କରିଥିଲେ। ଅନ୍ୟତମ ଅତିଥି ରୂପେ ବିଜେପି ନେତା କାହ୍ନୁ ଚରଣ ପତି, ନାଟ୍ୟକାର ମେଜର ରମା ରମଣ ପାଢ଼ୀ, ପ୍ରସନ୍ନ ପାଢ଼ୀ, ନିର୍ମଳ ସାହୁ ଓ ଇଂ. ଯାମିନି କାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବହୁ ସାଂସ୍କୃତିକ ଅନୁଷ୍ଠାନର କଳାକାର ମାନେ ଓଡିଶୀ, ରଣପ୍ପା, ଢୋଲିଆ, ଦଣ୍ଡ ନାଚ, ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ।

କାର୍ଯ୍ୟକ୍ରମରେ ଅଭିଷେକ କ୍ରିଏସନର ଅଧ୍ୟକ୍ଷ ପ୍ରକାଶ ପଟନାୟକ ସଂଯୋଜନା କରିଥିଲେ। ସେହିଭଳି ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ମନ୍ତ୍ରୀ ତଥା ପୋଲସରାର ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ଖ୍ୟାତନାମା ଉଦ୍‌ଘୋଷକ ହୃଷୀକେଶ ପାଣିଗ୍ରାହୀ, ଲୋକ ସେବକ ମଣ୍ଡଳର ଆଜୀବନ ସଦସ୍ୟ ରାଜେନ୍ଦ୍ର ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟିର ସଂଯୋଜକ ସୁଦିପ ସାହୁ, ଉଷାରାଣୀ ମହାପାତ୍ର, ଅନିଲ ପାତ୍ର, କେଦାର ଚୌଧୁରୀ, ସନ୍ୟାସୀ ମହାରଣା, ରଞ୍ଜନା ମିଶ୍ର, କାର୍ତ୍ତିକ ପାଣିଗ୍ରାହୀ ଓ ମାନସ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ।

## ସ୍ବାମୀଙ୍କ ଆକ୍ରମଣରେ ଶଶୁର ମୃତ

**ଟିକାବାଲି,୧୪।୧(ସମିସ):** ଟିକାବାଲି ବ୍ଲକ ସାରଙ୍ଗଡ଼ ଥାନା ପାବୁରିଆ ପଞ୍ଚାୟତ ବୋରିଗୁଡା ଲାମାପାଟାଗାଁରେ ସ୍ବାମୀର ଭୂଷାରେ ଶଶୁରର ମୃତ୍ୟୁ ହୋଇଛି । ରବିବାର ବୋରିଗୁଡା ଲାମାପାଟା ସାହିରେ ସ୍ବାମୀ ଶଶୁରକୁ ଏକ ଧାରୁଆ ଅସ୍ତ୍ର ନିହଣରେ ଆକ୍ରମଣ କରିଥିଲେ । ଟିକାବାଲି ଥାନା କଟିମାହା ପଞ୍ଚାୟତ ଲଦାସାହିର ଭୁଲେଶ୍ବର ଦେହୁରୀଙ୍କ ଝିଅ ପାବୁରିଆ ପଞ୍ଚାୟତ ବୋରିଗୁଡାର ଲାମାପାଟା ଗାଁର କାମରାଜ ଦେହୁରୀଙ୍କୁ ୬ ବର୍ଷ ପୂର୍ବେ ବିବାହ କରିଥିଲେ । ହେଲେ ତିନି ବର୍ଷ ହେବ କାମରାଜ ମାନସିକ ରୋଗରେ ଆକ୍ରାନ୍ତ ହୋଇ ସ୍ତ୍ରୀଙ୍କ ସହ ଝଗଡା କରୁଥିଲେ । କଳିଝଗଡା ଅଧିକ ହେବାରୁ ରବିବାର ଭୁଲେଶ୍ବର (୬୦), ସ୍ତ୍ରୀ କଳସ ଏବଂ ପୁଅ ସିନ୍ଧୁ ଝିଅ ଘରକୁ ଯାଇଥିଲେ । ବାପା ମାଆଙ୍କୁ ଛାଡି ପୁଅ ସିନ୍ଧୁ ନିଜ ଘରକୁ ଫେରି ଆସିଥିଲେ । କୌଣସି କାରଣରୁ ଶଶୁର ସ୍ବାମୀଙ୍କ ମଧ୍ୟରେ ବଚସା ହୋଇଥିଲା । କାମରାଜ କ୍ରୋଧାନ୍ବିତ ହୋଇ ଏକ ଧାରୁଆ ଅସ୍ତ୍ରରେ ଭୁଲେଶ୍ବରଙ୍କୁ ଆକ୍ରମଣ କରିଥିଲେ । ଗୁରୁତର ଭୁଲେଶ୍ବରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଟିକାବାଲି ଗୋଷ୍ଠୀ ସ୍ବାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସାରଙ୍ଗଡ଼ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ମୃତକଙ୍କ ପୁଅ ସିନ୍ଧୁଙ୍କ ଏତଲା ଆଧାରରେ ସାରଙ୍ଗଡ଼ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି । ହତ୍ୟାକାରୀ କାମରାଜ ଗୋଟିଏ ବଡ ଗଛ ଉପରେ ଲୁଚି ରହିଥିଲା । ପୁଲିସ ମଙ୍ଗଳବାର କାମରାଜକୁ ଗିରଫ କରିବାରେ ସଫଳ ହୋଇଛି ।

### କୋମାରେ ଏନ୍‌ଏସି

## ୨୦ ଦିନ ହେଲା ଓପନ ଜିମ୍‌ରୁ ହଟୁନି କାଠଗଣ୍ଡି

**ଜି.ଉଦୟଗିରି,୧୪।୧(ସମିସ)**

କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଏନ୍‌ଏସି କୌଣସି ଉନ୍ନୟନମୂଳକ କାମ ହେଉ ନ ଥିବା ବାରମ୍ବାର ଅଭିଯୋଗ ହେଉଛି । ୬ ମାସ ହେଲା ସାଧାରଣ ଜନତା ମଧ୍ୟ ଏଥିନେଇ ଅଭିଯୋଗ କରୁଛନ୍ତି । ଛୋଟ ଛୋଟ କାମ ହେଉ ନ ଥିବାରୁ ଏନଏସି ଏବେ କୋମା ଅବସ୍ଥାରେ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ରାସ୍ତା ଘାଟ କାମ ସହିତ ପୋଖରୀ ଆଦିର କୌଣସି କାମ ଦୀର୍ଘ ଦିନ ହେଲା ନହେବା ତାହାର ପ୍ରମାଣ । ସାଧାରଣତଃ ଗତ ମାସ ୨୫ ତାରିଖରେ ପଦାସାହି ଓପନ ଜିମରେ ଅଦିନିଆ ବର୍ଷାରେ ଏକ ବଡ ଗଛ ଉପୁଡି ପଡିଥିଲା । ଏଥିରେ କିଛି ଉପକରଣ ନଷ୍ଟ ହୋଇଥିଲା । ଘଟଣାର ୨୦ ଦିନ ବିତିଯାଇଥିଲେ ମଧ୍ୟ ସେହି ଓପନ ଜିମରୁ କାଠଗଣ୍ଡି ଆଜି ପର୍ଯ୍ୟନ୍ତ ବାହାର କରାଯାଇନାହିଁ । ବହୁ ସଂଖ୍ୟାରେ ଲୋକ ଏହି ଜିମ ଉପରେ ନିର୍ଭର କରି ବ୍ୟାୟାମ କରୁଥିବା ବେଳେ ଏବେ ନିରାଶ ହୋଇ ଫେରୁଛନ୍ତି । ଶୀତ ଦିନର ଏହାର ବ୍ୟବହାର ଅଧିକ ହୋଇଥିବା ବେଳେ ଏନଏସି ଏହାକୁ ଗୁରୁତ୍ୱ ନଦେବା ଦୁର୍ଭାଗ୍ୟଜନକ ବୋଲି ବ୍ୟବହାରକାରୀ କହିଛନ୍ତି । ୨୦ ଦିନ ପରେ କାଠ ବାହାର କରି ନ କରି ପାରିବା ଏନଏସି ର ପାରିବା ପଣିଆ ପ୍ରକାଶ କରୁଛି ବୋଲି କୁହାଯାଉଛି । ସେହି ହିସାବରେ ଏନଏସିରେ ଉନ୍ନୟନ କାମ ଚାଲିଥିବା କହିଛନ୍ତି ଲୋକେ । ଯୁଦ୍ଧକାଳିନ ଭିତିରେ କାଠ ଗଣ୍ଡି ବାହାର କରି ଉପକରଣଗୁଡିକ ମରାମତି କରାଗଲେ ବ୍ୟବହାରକାରୀ ଉପକୃତ ହୋଇପାରିବେ ବୋଲି କୁହାଯାଇଛି ।



### • ଔଷଧ ଦୋକାନରେ ଅଚାନକ ଚଢ଼ଉ

## ନମୁନା ଔଷଧ ବିକିବା ପଡ଼ିଲା ମହଙ୍ଗା



**ନୂଆଗଡ,୧୪।୧(ସମିସ):** ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଖଜୁରୀପଦାରେ ଥିବା ଏକ ଔଷଧ ଦୋକାନରେ ଡ୍ରଗ୍ସ ବିଭାଗ ଅଚାନକ ଚଢ଼ାଉ କରିଥିଲା । ଔଷଧ ଦୋକାନରେ ନମୁନା ଏବଂ ନିମ୍ନମାନର ଔଷଧ ଖୋଲାଖୋଲି ବିକ୍ରି କରାଯାଉଥିବା ଖବର ପାଇ ଖଜୁରୀପଦା ଫାଣ୍ଡି ପୁଲିସ ସହାୟତାରେ ମଙ୍ଗଳବାର ଡ୍ରଗ୍ସ ବିଭାଗର ଇନସିପେକ୍ଟରଙ୍କ ସମେତ ତିନିଜଣିଆ ଟିମ ହଠାତ ଚଢ଼ଉ କରି ଚାରି ଘଣ୍ଟା କାଳ ତନାଘନା କଲାପରେ ଅନେକ ନମୁନା ଔଷଧ ଓ ଅନ୍ୟ ଔଷଧ ଜବତ କରାଯାଇଥିଲା । ଏ ନେଇ କୋର୍ଟରେ ମାମଲା ରୁଜୁ କରାଯିବ ବୋଲି ଡ୍ରଗ୍ସ ଇନସିପେକ୍ଟର ପ୍ରସନ୍ନ କୁମାର ମଳିକ କହିଛନ୍ତି ।

## କଟାଗଲା ୮୬ ଏକର ଜମିର ଗଞ୍ଜେଇ ଗଛ

**ଫିରିଙ୍ଗିଆ,୧୪।୧(ସମିସ):** କନ୍ଧମାଳ ଜିଲ୍ଲାରେ ୨ ମାସ ହେବ ପୁଲିସ, ଅବକାରୀ ବିଭାଗ ମିଳିତ ଭାବେ ଚଢ଼ଉ ଜାରି ବେଆଇନ ଭାବେ ହୋଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରାଯାଉଥିଲେ ହେଁ ଶେଷ ହେଉନାହିଁ । ଫିରିଙ୍ଗିଆ ଅଞ୍ଚଳରେ ଏତେ ପରିମାଣରେ ଗଞ୍ଜେଇ ଚାଷ ହୋଇଛି ଯେ ଯେତେ କାଟିଲେ ବି ସରୁନି । ପୁଣି ଏହି ଗଞ୍ଜେଇ କଟା ଅଭିଯାନ ଆରମ୍ଭ କରିଛି ଫିରିଙ୍ଗିଆ ପୁଲିସ ।

ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଫିରିଙ୍ଗିଆ ଥାନା ଅଧୀନସ୍ଥ ବନ୍ଧଗଡ଼ ପଞ୍ଚାୟତର ବାଲକିଡାଡି, ଶାନ୍ତିନଗର ଓ ଦନ୍ଦୀମାହା ଗ୍ରାମ୍ୟ ପାର୍ଶ୍ୱବର୍ତ୍ତୀ ଜଙ୍ଗଲ ଓ ପାହାଡିଆ ଜଙ୍ଗଲ ଜମିରେ ବେଆଇନ ଭାବରେ ପ୍ରାୟ ୮୬ ଏକର ଜାଗାରେ ଚାଷ ହୋଇଥିବା ଗଞ୍ଜେଇ ଗଛକୁ କାଟିବା ସହ ଜାଳି ପୋଡି ନଷ୍ଟ କରିଦିଆଯାଇଛି । ଜଙ୍ଗଲ ମାଧରେ ପୁଲିସ ଏକ କୃତ୍ରିମ ପୋଖରୀକୁ ମଧ ଠାବ କରିଛି । ଏଥିରୁ ଜଣାପଡିଯେ ଗଞ୍ଜେଇ ଚାଷୀ କୃତ୍ରିମ ପୋଖରୀ ତିଆରି କରି ସେଥିରେ ପାଣି ଗଚ୍ଛିତ ରଖି ଗଞ୍ଜେଇ ଚାଷକୁ ପାଣି ଯୋଗାଉଛନ୍ତି । ନଷ୍ଟ କରିଦିଆଯାଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୧ କୋଟି ୮ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ପୋଲିସ ତରଫରୁ ସୂଚନା ମିଳିଛି ।

## ପୁଣି କଟାଗଲା ୮୦ ଏକର ଗଞ୍ଜେଇ ଗଛ

**ବାଲିଗୁଡା,୧୪।୧(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅଞ୍ଚଳରେ ଅପରେସନ ନୀଳ ଜହରକୁ ଜୋରଦାର କରି ପୁଣି ୮୦ ଏକର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ସୂଚନା ମିଳିଛି । ମଙ୍ଗଳବାର ବାଲିଗୁଡା ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ପୁଲିସ ଟିମ୍ ବାଲିଗୁଡ଼ା ଥାନା ଅନ୍ତର୍ଗତ ରେବିଙ୍ଗୀଆ ପଞ୍ଚାୟତର ଡବେରୀସାହି, ଗବଂପଦର ଓ ପୋଡିଗାଁ ନିକଟସ୍ଥ ଜଙ୍ଗଲରେ ଲଗାଯାଇଥିବା ୮୦ ଏକର ବେଆଇନ ଗଞ୍ଜେଇ କାଟି ନଷ୍ଟ କରିଥିଲେ । ନଷ୍ଟ ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବବାଲିଗୁଡା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ବୋଲି ସୂଚନା ଦେଇଛନ୍ତି ।

## ୩ ମହିଳାଙ୍କ ସହ ୧୩ ୱାରେଣ୍ଟି ଗିରଫ

**ଫିରିଙ୍ଗିଆ,୧୪।୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପୁଲିସ ମଙ୍ଗଳବାର ଗୋଟିଏ ଦିନରେ ୩ ଜଣ ମହିଳାଙ୍କ ସହ ୧୩ ଜଣ ୱାରେଣ୍ଟ ଥିବା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବିଭିନ୍ନ ମାମଲାରେ ଅଦାଲତଙ୍କ ଆଦେଶକୁ ଅବମାନନା କରି ଆସୁଥିବା କାରଣରୁ ସେମାନଙ୍କ ନା'ରେ ୱାରେଣ୍ଟ ଜାରି କରିଥିଲେ କୋର୍ଟ । ୱାରେଣ୍ଟ ପାଇଲା ପରେ ମଧ ସେମାନେ ଆଇନକୁ ଅବମାନନା ସହ ଖୋଲାଖୋଲି ଭାବେ ବୁଲୁଥିଲେ । ଶେଷରେ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଳନା କରିଥିବା ସୂଚନା ମିଳିଛି । ଅଦାଲତଙ୍କ ନିର୍ଦ୍ଦେଶ ମିଳିବା ପରେ ସେମାନଙ୍କୁ ଧରିବା ପାଇଁ ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ୩ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା । ଏହି ଟିମରେ ଥାନାରେ କାର୍ଯ୍ୟରତ ଏସଆଇ ଅଜୟ କୁମାର ସାହୁ, ଏସଆଇ ଦୀପକ ରାଉତ,ଏଏସଆଇ କୃଷ୍ଣଚନ୍ଦ୍ର ଗୌଡ଼, ଏଏସଆଇ ଶ୍ରୀକାନ୍ତ ପାତ୍ର ଏଏସଆଇ ମିନି ମହାକୁଡ଼ଙ୍କ ସହ ଅନ୍ୟ କର୍ମଚାରୀ ମନେ ସାମିଲ ଥିଲେ । ଗିରଫ ହୋଇଥିବା ବ୍ୟକ୍ତିଙ୍କ ମାଧରେ ଫିରିଙ୍ଗିଆ ଥାନା ଗଞ୍ଜୁପାଙ୍ଗ ଗାଁର ଭ୍ରମର ଦିଗାଲ, ପେନାଗିରି ଗାଁର ଅକ୍ଷୟ ବେହେରା, ଫିରିଙ୍ଗିଆର ପାର୍ଥବ ବେହେରା, ବବଡିଙ୍ଗିଆ ଗାଁର ପ୍ରଶାନ୍ତ ପ୍ରଧାନ, ବିଲୁପଦର ଗାଁର ପ୍ରଶାନ୍ତ ଦିଗାଲ, କାଲିବିରା ଗାଁର ରୁଦ୍ରଦେବ ବେହେରା, ପେନାଗିରି ଗାଁର ସୁଦର୍ଶନ ବେହେରା, ଜାଜେଶପାଙ୍ଗା ଗାଁର ଅନିରୁଦ୍ଧ ସାହୁ ଓ କାଶିନୀପଦର ଗାଁର ଅଗସ୍ତି କର୍ଣ୍ଣ ବୋଲି ଜଣାପଡିଥିବା ବେଳେ ଗିରଫ ହୋଇଥିବା ୩ ଜଣ ମହିଳା ମଧ ସେହି କାଶିନୀ ପଦର ଅଞ୍ଚଳର ବୋଲି ଜଣାପଡିଛି । ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଫିରିଙ୍ଗିଆ ଥାନା ଅଧିକାରୀ ସୂଚନା ଦେଇଛନ୍ତି ।



## ବନ୍ଦପଡ଼ିଛି କଳିଙ୍ଗା ପଥପ୍ରାନ୍ତ ସୁବିଧା କେନ୍ଦ୍ର



ଜି.ଉଦୟଗିର,୧୪।୧(ସମିସ): ଯାତ୍ରୀଙ୍କ ବିଭିନ୍ନ ପ୍ରକାର ସୁବିଧା ପାଇଁ କଳିଙ୍ଗାରେ ଖୋଲାଯାଇଥିଲା ପଥପ୍ରାନ୍ତ ସୁବିଧା କେନ୍ଦ୍ର । ଏହାକୁ ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିବା ବେଳେ ଯାତ୍ରୀଙ୍କ ବହୁକାମରେ ଆସୁଥିଲା । ବିଶ୍ରାମ, ସୁରକ୍ଷା, ଖାଦ୍ୟପେୟ ଓ ରାତ୍ରିଯାପନରେ ଯାତ୍ରୀ ସୁଖଦ ଅନୁଭୂତି ପାଉଥିଲେ । ଏଠାରେ ଦୁଇଚକିଆ, ଚାରିଚକିଆ ଗାଡିରେ ଯିବା ଆସିବା କରୁଥିବା ଯାତ୍ରୀ ନିର୍ଭୟରେ ରହୁଥିଲେ । ୨୪ ଘଣ୍ଟିଆ ସେବା ମଧଦେଉଥିଲେ କର୍ମଚାରୀ । କିନ୍ତୁ ଏବେ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ର ଦୀର୍ଘ ଦିନ ହେଲା ବନ୍ଦ ରହିବା ଫଳରେ ଯାତ୍ରୀ, ପର୍ଯ୍ୟଟକ ନାନା ସମସ୍ୟାର ସମ୍ମୁଖିନ ହେଉଛନ୍ତି । ଦୀର୍ଘ ଦିନ ହେଲା ବନ୍ଦ ରହିବା ଫଳରେ ଲକ୍ଷ ଲକ୍ଷ ଟଙ୍କାର ଭିତ୍ତିଭୂମି ନଷ୍ଟ ହେଉଛି । ଲାଇଟ ,ଷ୍ଟିଲ ରେଲିଂ ଚୋରି ହୋଇଯାଇଛି । ବିଭିନ୍ନ ଜିନିଷ ଭାଙ୍ଗିଗଲାଣି । ମଦୁଆଙ୍କ ଆ‡ାସ୍ଥଳି ପାଲଟିଛି । ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । କେନ୍ଦ୍ର ଖୋଲିବାକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ କାମ କରୁଥିବା କର୍ମଚାରୀଙ୍କ ଭବିଷ୍ୟତ କଣ ହେବ ତାହାକୁ ନେଇ ଚିନ୍ତା ବଢିଯାଇଛି । କୌଣସି ଉପାୟ ନପାଇ ଚିନ୍ତାରେ ରହିଛନ୍ତି ସେଠାରେ ଦୀର୍ଘ ୬ ବର୍ଷ ଧରି କାର୍ଯ୍ୟରତ ଥିବା କର୍ମଚାରୀଙ୍କ ପରିବାର । ଯାତ୍ରୀଙ୍କ ସୁବିଧା ସହିତ କାମ କରୁଥିବା କର୍ମଚାରୀଙ୍କ ପରିବାରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ର ଶୀଘ୍ର ଖୋଲିବାକୁ ଦାବି ହୋଇଛି ।




## ଜାତୀୟ ଯୁବ ଦିବସ



**ପାରଳାଖେମୁଣ୍ଡି,୧୪।୧(ସମିସ):** ନୂଆଦିଲ୍ଲୀର କନଷ୍ଟିଟ୍ୟୁସନ୍ କ୍ଲବ୍‌ର ଡେପୁଟି ସ୍ପିକର ହଲ୍‌ରେ ହାଇଟେକ୍ ଗ୍ରୁପ୍ ଏବଂ ବିଜ୍ଞାନ ଭାରତୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଜାତୀୟ ଯୁବ ଦିବସ ମହା ସମାରୋହରେ ପାଳନ କରାଯାଇଥିଲା । ଏଥିରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ସାଂସଦ ମନୋଜ ତିୱାରୀ ଓ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଯୋଗ ଦେଇ ଦେଶର ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଯୁବ ପ୍ରତିଭାଙ୍କୁ ସମ୍ମାନିତ କରିଥିଲେ । ମେଘାଳୟ, କେରଳ, ରାଜସ୍ଥାନ, ପଞ୍ଜାବ, ଦିଲ୍ଲୀ, ପଣ୍ଡିଚେରୀ, ଓଡ଼ିଶା ସହ ବିଭିନ୍ନ ରାଜ୍ୟରୁ ଯୁବ ଆଦର୍ଶ ମାନଙ୍କୁ ଆଇକନ୍ ଆୱାଡର୍ ପ୍ରଦାନ କରାଯାଇଥିଲା । ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଓ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ସମସ୍ତ ଯୁବ ସମାଜ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ସ୍ୱାସ୍ଥ୍ୟ ଚିକିତ୍ସା କ୍ଷେତ୍ରରେ ସ୍ୱତନ୍ତ୍ର ପାରଦର୍ଶିତା ହାସଲ କରିଥିବା ହାଇଟେକ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଡା. ରାକେଶ କୁମାର ପାଣଗ୍ରାହୀ ଓ ହାଇଟେକ୍ ମେଡିକାଲର ସୁପରିଟେଣ୍ଡେଣ୍ଟ ଡା. ଚନ୍ଦନ ସାମନ୍ତରାୟଙ୍କୁ ସମ୍ମାନିତ କରାଯାଇଥିଲା ସେହିଭଳି ମାଉଣ୍ଟେନର କାମ୍ୟା କାର୍ତ୍ତିକେୟନ, ପରିବେଶବିତ୍ ଲିସ୍ ପ୍ରିୟା ପ୍ରମୁଖ ସାମିଲ ଥିଲେ । ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ମକର ମେଳା: ସଂସ୍କୃତି ପରମ୍ପରାର ଅନନ୍ୟ ସମନ୍ୱୟ



**ପାରଳାଖେମୁଣ୍ଡି,୧୪।୧(ସମିସ)**

ଗଜପତି ଜିଲ୍ଲା ମହେନ୍ଦ୍ରଗିରି ପାଦଦେଶରେ ଥିବା ଗୋଷାଣି ବ୍ଲକ ଅନ୍ତର୍ଗତ ସାରିଆପଲ୍ଲୀ ନିକଟସ୍ଥ ପବିତ୍ର ସୀତା ପାହାଡରେ ମକର ମେଳା ଆରମ୍ଭ ହୋଇଛି । ତିନି ଦିନ ଧରି ଅନୁଷ୍ଠିତ ଉକ୍ତ ମେଳାରେ ପ୍ରବଳ ଜନ ସମାଗମ ହେଉଛି । ମେଳାର ବିଶେଷତ୍ୱ ହେଉଛି ମକର ସଂକ୍ରାନ୍ତି ପରଦିନ ଅର୍ଥାତ ବୁଧବାର ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବ । ମକର ସଂକ୍ରାନ୍ତି ପର ଦିନ ସୀତା ପାହାଡରେ ଉଭୟ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ବିଭିନ୍ନ ପ୍ରାନ୍ତରୁ ଲୋକେ ଏଠାକୁ ଆସିଥାନ୍ତି । ଆଜି ହଜାର ହଜାର ସଂଖ୍ୟକ ଭକ୍ତ ବା ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଯାହାକୁ ଦୃଷ୍ଟିରେ ରଖି ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକଙ୍କ ନେତୃତ୍ୱରେ ଗାରାବନ୍ଧା ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିସିକା ଏବଂ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ତିନି ଥାନା ପାରଳାଖେମୁଣ୍ଡି ଆଦର୍ଶ ଥାନା, ଗୁରାଣ୍ଡି ଥାନା ଓ ଗାରାବନ୍ଧ ଥାନାର ଏସ୍‌ଆଇ, ଏଏସ୍‌ଆଇଙ୍କ ସମେତ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି । ପାହାଡ଼ ଚଢିବା ଓ ଓହ୍ଲାଇବା ସମୟରେ ସାବଧାନତା ଅବଲମ୍ବନ କରିବା, ପାହାଡ଼ ଶିଖର ଉପରକୁ ନ ଚଢିବା, ବିପଦପୂର୍ଣ୍ଣ ସ୍ଥାନରେ ସେଲ୍ଫି ନନେଇ ଶାନ୍ତିଶୃଙ୍ଖଳାର ସହ ମନ୍ଦିର ଦର୍ଶନ କରି ଫେରିବାକୁ ଏନେଇ ଗାରାବନ୍ଧା ଥାନା ଅଧିକାରୀ ଲୋକଙ୍କୁ ପରାମର୍ଶ ଦେଇଛନ୍ତି ।

**ଫିରିଙ୍ଗିଆ:** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ବିଭିନ୍ନ ମଠ ମନ୍ଦିର ଏବଂ ଗାଁ ରେ ଥିବା ମଣ୍ଡପରେ ମକର ସଂକ୍ରାନ୍ତି ପାଳନ କରାଯାଇଛି । ଫିରିଙ୍ଗିଆ ବ୍ଲକ ଛକ କୁଶାସରୁ ପାହାଡ଼ରେ ଥିବା ହନୁମାନ ମନ୍ଦିରରେ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ମକର ସଂକ୍ରାନ୍ତି ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ପାଳିତ ହୋଇଛି । ସେହିଭଳି ଫିରିଙ୍ଗିଆର ଘାଇସାହି ପାହାଡ଼ରେ ଥିବା ମଠ, ଜାଜେଶପଙ୍ଗା, ଗେରୁପଡା, କେଳାପଡା, ଫିରିଙ୍ଗିଆ ବ୍ଲକର ଦେବ ସ୍ଥଳୀ ଗୁମ୍ଫା କଟାଙ୍ଗୀ, ରତଙ୍ଗ ଶିବ ମନ୍ଦିର, ଫିରିଙ୍ଗିଆ ପିତାବାଳି ମନ୍ଦିର ସହ ପ୍ରତ୍ୟେକ ଗାଁରେ ମକର ସଂକ୍ରାନ୍ତି ପାଳିତ ହୋଇଛି । ଫିରିଙ୍ଗିଆ ହନୁମାନ ମନ୍ଦିର, କଟାଙ୍ଗୀ, ଜାଜେଶ ପଙ୍ଗା ଏବଂ ଘାଇ ସାହି ପାହାଡ଼ ମଠ ରେ ଦିନ ତମାମ ଶତାଧିକ ଭକ୍ତଙ୍କ ଗହଳି ଲାଗି ରହିଥିଲା । ବୁଧବାର ମକର ସଂକ୍ରାନ୍ତି ଉପଲକ୍ଷେ ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି । ସେହିପରି ଫିରିଙ୍ଗିଆ ପିତାବଳି ମନ୍ଦିର ନିକଟରେ ସ୍ଥାପିତ ହୋଇଥିବା ମହାମାୟୀ ମାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ପିତାବଳି ମନ୍ଦିର ପୂଜକ ସତ୍ୟନାରାୟଣ ଭୁକ୍ତାଙ୍କ ସହ ବାହକ ପଦ୍ମଚରଣ ପ୍ରଧାନ ଏବଂ ମନ୍ଦିର ପରିଚାଳନା କମିଟି ଯୋଗ ଦେଇଥିଲେ ।



**ଜି.ଉଦୟଗିରି:** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ନିକଟସ୍ଥ କତିଙ୍ଗିଆ କମଳବନ ଆଶ୍ରମରେ ୬୫ତମ ବାର୍ଷିକ ମକରମେଳା ଅନୁଷ୍ଠିତ ହୋଇଥିଲା । ବନବାସୀ ସନ୍ଥ ସୁଦୟାବାବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ନିରଞ୍ଜନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କମିଟି ସଭାପତି ମହାପାତ୍ର ପ୍ରଧାନ, ଜିଲ୍ଲା ସାଧାରଣ ସଂପାଦକ ମାନଗୋବିନ୍ଦ ପ୍ରଧାନ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ଜିଲ୍ଲା କାର୍ଯ୍ୟବାହ ଅରବିନ୍ଦ ପ୍ରଧାନ, ଭେଙ୍କେଟେଶ୍ୱର ପ୍ରଧାନ, ଜିଲ୍ଲା ପ୍ରଚାରକ କର୍ଣ୍ଣ ପ୍ରଧାନ, ବନବାସୀ ସଂଗଠନ ମନ୍ତ୍ରୀ ବିରାଜ ପ୍ରଧାନ, ବନବାସୀ କଲ୍ୟାଣ ଆଶ୍ରମ ବ୍ଲକ ସଂଯୋଜକ ସୁଦାମ ପ୍ରଧାନ, ବିଜେପି ସଂଯୋଜକ ସଂଜିବ ମଣ୍ଡଳ, ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, କତିଙ୍ଗିଆ ସରପଞ୍ଚ ବିଭୂତି ପ୍ରଧାନ ଉପସ୍ଥିତ ଥିଲେ । ସଂସ୍କୃତି ପରମ୍ପରାର ଅନନ୍ୟ ସମନ୍ୱୟ ଥିବା ମେଳାରେ ଜିଲ୍ଲାର କୋଣ ଅନୁକୋଣରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ପଞ୍ଚ ମହାଯଜ୍ଞ ସାମିଲ କରି ନିଜକୁ ସାମିଲ କରି ଶ୍ରଦ୍ଧାଳୁ ନିଜକୁ ଧନ୍ୟ ମନେ କରୁଥିବା ବେଳେ ମେଳର ପାଇଁ ଦୁଇ ଦିନିଆ ଅସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଥିଲା ।

**ଜି.ଉଦୟଗିରି:** ମକର ସଂକ୍ରାନ୍ତିରେ ବିଭିନ୍ନ ମନ୍ଦିର ତରଫରୁ ପାଳନ କରାଯାଇ ଥିବାବେଳେ ଭକ୍ତଙ୍କ ସମାଗମ ହୋଇଥିଲା । ଜଗନ୍ନାଥ ମନ୍ଦିର, ଧବଳେଶ୍ୱର ମନ୍ଦିର, ମା ତାରିଣୀ ମନ୍ଦିର, ବରାଳିନୀ ମନ୍ଦିର ସହିତ ପଦାସାହି ଶ୍ରୀରାମ ମନ୍ଦିରରେ ଭକ୍ତଙ୍କ ଭିଡ ଜମିଥିଲା । ଶ୍ରୀରାମ ମନ୍ଦିର ତରଫରୁ ନାମ ସଂକୀର୍ତ୍ତନ, ପ୍ରବଚନ, ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା । ୧୦୮ ଆଳତୀ ସହିତ ଭଜନ କିର୍ତ୍ତନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । କମିଟି ତରଫରୁ ଦୁର୍ଗାମାଧବ ପଟ୍ଟନାୟକ, ସୁଦାମ ପାତ୍ର, ହେମନ୍ତ ପ୍ରଧାନ, ପଞ୍ଚୁ ପ୍ରଧାନ, ଭାଗବତ ଆର୍ଜେଲି ସହଯୋଗ କରିଥିଲେ ।





### ■ ଜଙ୍ଗଲସୁରକ୍ଷାସଚେତନତା

## ପ୍ରେସ୍ କ୍ଲବ-ବନ ବିଭାଗର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ



**ମୋହନା,୧୪।୧(ସମିସ):** ଗଜପତି ଜିଲ୍ଲା ମୋହନା ହାଇସ୍କୁଲ ପଡ଼ିଆରେ ମୋହନା ବନ ବିଭାଗ ଓ ପ୍ରେସ କ୍ଲବ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମୋହନା ବନାଞ୍ଚଳର ବନ ବିଭାଗ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚରେ ପ୍ରେସକ୍ଲବକୁ ହରାଇ ବନ ବିଭାଗ ଟିମ୍ ବିଜୟ ହାସଲ କରିଥିଲା ।

ମୋହନା ବନପାଳ ଦେବାଶିଷ ଶତପଥୀ ଓ ଲିପିକା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଂଯୋଜକ ଅକ୍ଷୟ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋହନା ଥାନା ସବ ଇନ୍ସପେକ୍ଟର ବି.ଏନ୍ ରେ‡ୀ ଯୋଗ ଦେଇ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଚନ୍ଦ୍ରଗିରି ବନାଞ୍ଚଳ ଅଧିକାରୀ ବିନୟ ପ୍ରକାଶ ବୁରୁ ଓ ଶିକ୍ଷାବିତ ମଧୁସୁଦନ ପାଢୀ ଯୋଗ ଦେଇଥିଲେ । ୧୦ ଓଭର ବିଶିଷ୍ଟ ମ୍ୟାଚରେ ଟସ୍ ଜିତି ପ୍ରେସକ୍ଲବ ପ୍ରଥମେ ବ୍ୟାଟିଂ କରି ୭ୱିକେଟ ହରାଇ ୫୨ ରନ୍ କରିଥିଲା । ଜବାବରେ ମାତ୍ର ୫ ଓଭରରେ ଗୋଟିଏ ୱିକେଟ ହରାଇ ଆବଶ୍ୟକ ରନ କରି ବିଜୟ ହାସଲ କରିଥିଲା ବନ ବିଭାଗ ଟିମ୍ । ଜଙ୍ଗଲରେ ନିଆଁ ନ ଲଗାଇବା ଓ ଜଙ୍ଗଲ ସୁରକ୍ଷା ସଚେତନତା ପାଇଁ ବନ ବିଭାଗ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିବା ବେଳେ ଏଥିରେ ମୋହନା ଓ ରା.ଉଦୟଗିରି ବ୍ଲକର ୮ ବନ ସୁରକ୍ଷା ସମିତି ଟିମ୍ ଅଂଶଗ୍ରହଣ କରିଛଥିଲେ । ଏହି ଟୁର୍ଣ୍ଣମେଣ୍ଟର ଫାଇନାଲ ମ୍ୟାଚ ଆସନ୍ତା ୧୮ ରେ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି ।

# ଗଞ୍ଜେଇ ସହ ଦୁଇ ବାଇକ୍ ଜବତ; ଜଣେ ଗିରଫ



ଭଞ୍ଜନଗର,୧୪ ।୧(ସମିସ): ସ୍ଥାନୀୟପୁଲିସ ଭଞ୍ଜନଗର ଦୁର୍ଗାପ୍ରସାଦ ରାସ୍ତାର ମୁଜାଗଡ ନିକଟରୁ ୨ଟି ବାଇକ୍ ସହ ଜଣେ ଅଭିଯୁକ୍ତକୁ ଧରି ମୋଟ ୨୯ କିଲୋ ୫ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଏସଂପର୍କରେ ଭଞ୍ଜନଗର ଥାନା କେଶ ନମ୍ବର ୪୧/୧ ପ୍ରକାରେ ଏକ ମାମଲା ରୁଜୁ କରାଯାଇଛି। ଥାନା ଅଧିକାରୀ କୁମର ମୁଦୁଲିଙ୍କ ସୂଚନା ପ୍ରକାରେ ସୋମବାର ୧୨ ଟା ବେଳେ ସେ ନିଜେ ଥାନାର ଏଏସଆଇ ରୁଦ୍ରପ୍ରସାଦ କହଁର ଓ ଅନ୍ୟ କିଛି ଷ୍ଟାଫ୍ ସହ ମୁଜାଗଡ ଠାରେ ପାଟ୍ରୋଲିଂ ଓ ଚେକିଂ କରୁଥିବା ବେଳେ କନ୍ଧମାଳପଟୁ ୨ଟି ବାଇକ୍ ଭଞ୍ଜନଗର ଆଡକୁ ଆସୁଥିବା ଦେଖିବାକୁ ପାଇଥିଲେ। ଆଉ ପୁଲିସକୁ ଦେଖି ବାଇକ୍ ଚାଳକ ମାନେ ଦ୍ରୁତ ଗତିରେ ବୁଲାଇ ପୁଣିଥରେ ଫୁଲବାଣୀ ପଟକୁ ଯିବାକୁ ଚେଷ୍ଟା କଲା ବେଳେ ବାଇକ୍ ଦୁଇଟି ସ୍ଲିପ୍ କରି ରାସ୍ତା ରେ ପଡିଯାଇଥିଲା। ଆଉ ପୁଲିସ ଭୟରେ ବାଇକ୍ ଛାଡି ୪ ଜଣ ଦୌଡି ପଳାଉଥିବା ବେଳେ ପୁଲିସ ଏମାନଙ୍କ ମଧ୍ୟରୁ ଜଣକୁ ଧରି ନେଇଥିଲା। ପରେ ଏହି ବାଇକ୍ ଦୁଇଟିରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଅଭିଯୁକ୍ତ ଯୁବକଙ୍କ ନାଁରେ ମାମଲା ରୁଜୁ କରିଛି ପୁଲିସ। ଗିରଫ ଯୁବକ ଜଣକ ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ନିକଟ ଉଜୁମୁଣ୍ଡା ଗାଁର ବିବିନ କହଁରଙ୍କ ପୁଅ ଅଜୁତ କହଁର। ଏମାନେ ଫିରିଙ୍ଗିଆରୁ ଏହି ଗଞ୍ଜେଇ ବ୍ରହ୍ମପୁର ନେଉଥିଲେ ବୋଲି ଗିରଫ ଯୁବକ କହିଛି। ମଙ୍ଗଳବାର ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ କୁମର ମୁଦୁଲି ସୂଚନା ଦେଇଛନ୍ତି।

# ୨୧ କେଜି ଗଞ୍ଜେଇ ଜବତ; ଜଣେ ଗିରଫ, ସ୍କୁଟର୍ ଜବତ



ଦାରିଙ୍ଗବାଡ଼ି,୧୪।୧(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ପୁଲିସ ପକ୍ଷରୁ ଚଢଉ କରାଯାଇ ୨୧ କିଲୋ ୪୦୦ ଗ୍ରାମ ବେଆଇନ ଗଞ୍ଜେଇ ସହ ସ୍କୁଟର ଜବତ କରାଯାଇଛି । ଏଥିସହିତ ଜଣେ ଚାଲାଣକାରୀଙ୍କୁ ଗିରଫ କରିଛି ପୁଲିସ। ଗିରଫ ଜଣକ ହେଲେ କବିସୂର୍ଯ୍ୟନଗର ଥାନା ଅଞ୍ଚଳର ଜ୍ଞାନଚାନ୍ଦ ମହାପାତ୍ର (୨୨) ବୋଲି ଥାନା ଅଧିକାରୀ କନକ ମାଝୀ ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ ରବିବାର ଅପରାହ୍ନରେ ପଞ୍ଚୁପୋଲି ଗ୍ରାମ ନିକଟରେ ସ୍କୁଟର ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ କନକ ମାଝୀଙ୍କ ନେତୃତ୍ୱରେ ଏସଆଇ ଲକ୍ଷ୍ମୀ ମାଝୀ ଚଢ଼ଉ କରିଥିଲେ। ଏନେଇ ପୁଲିସ ମାମଲା ରୁଜୁ କରି ଗଞ୍ଜେଇ ଚାଲାଣ କାରୀଙ୍କୁ କୋର୍ଟ ଚାଲାଣ ଚାଲାଣ କରିଥିବା ଥାନା ଅଧିକାରୀ କନକ ମାଝୀ ସୂଚନା ଦେଇଛନ୍ତି।

# ତାରାତାରିଣୀଙ୍କ ରାଜରାଜେଶ୍ୱରୀ ବେଶ

ପୁରୁଷୋତ୍ତମପୁର,୧୪ ।୧(ସମିସ): ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ତାରାତାରିଣୀଙ୍କ ମନ୍ଦିରରେ ମକର ସଂକ୍ରାନ୍ତି ପର୍ବ ନେଇ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ମକର ଅବସରରେ ମା'ଙ୍କୁ ରାଜରାଜେଶ୍ୱରୀ ବେଶରେ ସଜ୍ଜିତ କରାଯାଇଥିଲା। ଏହାପରେ ମା'ଙ୍କୁ ବିଭିନ୍ନ ରୀତିନୀତିରେ ପୂଜାର୍ଚ୍ଚନା କରାଯିବା ପରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ମା'। ଏହାସହିତ ମା'ଙ୍କ ନିକଟରେ ମକର ଚାଉଳ ମଧ୍ୟ ପୂଜା ହୋଇଥିଲା। ଭକ୍ତଙ୍କ ବିଶ୍ୱାସ ରହିଛି ମକର ସମୟରେ



ମା'ଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ପରିବାର ନିରୋଗ ରହିବା ସହ କୌଣସି ସମସ୍ୟା ରହିବ ନାହିଁ। ତେଣୁ ମକର ସଂକ୍ରାନ୍ତି ଯୋଗୁଁ ମଙ୍ଗଳବାର ସକାଳୁ ଦୂରଦୂରାନ୍ତ ଆସି ଭକ୍ତଙ୍କ ଭିଡ଼ ଲାଗିଥିଲା ମନ୍ଦିରରେ। ସେପଟେ ମନ୍ଦିରରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ନିଶା ନିବାରଣ ସଚେତନତାକୁ ନେଇ ନାଟକ 'ଅଧୁରା ସ୍ୱପ୍ନ' ମଞ୍ଚସ୍ଥ




ବ୍ରହ୍ମପୁର,୧୪ ।୧(ସମିସ): ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ମେଡିକାଲ୍ କ୍ୟାମ୍ପସର ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକ ଓ ମୁଖ୍ୟବକ୍ତା ରୂପେ ଡ଼ିପିଆଇଏଏସଇ ବିଏଡ୍ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବୃନ୍ଦାବନ ମିଶ୍ର ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ପ୍ରଧାନ ଓ ଚିତ୍ତରଞ୍ଜନ ପାଣ୍ଡେ, ୧୯୯୯ ବ୍ୟାଚର ପୁରାତନ ଛାତ୍ର ନାରାୟଣ ସାବତ ଓ ବିଦ୍ୟାଳୟ କମିଟି ସଭାପତି ସନ୍ତୋଷ କୁମାର ନାୟକ ମଞ୍ଚାସିନ ଥିଲେ। ଏ ଅବସରରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀର ମାଗାଜିନ ଅର୍ଚ୍ଚନା, କଳିକା, ପ୍ରତିଭା, ନିର୍ଝରିଣୀ, ତପସ୍ୱିନୀ, ତେଜସ୍ୱୀ, କାଦମ୍ବିନୀ, ପୁଣ୍ୟତୋୟା, ମୂର୍ଚ୍ଛନା ଓ ଅର୍ଚ୍ଚନା ପ୍ରମୁଖ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଡ. ପ୍ରଭାତୀ କୁମାରୀ ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିଲେ। କୃତୀ ଛାତ୍ର ଚନ୍ଦ୍ରଶେଖର ବେହେରା ଓ ପ୍ରସାଦ ଜେନାଙ୍କ ସମେତ ପୁରାତନ ଛାତ୍ର ଶେଖର ସୁମନ ମାଝୀ, କଳା କ୍ଷେତ୍ରରେ ଛାତ୍ର ଛାତ୍ରୀଙ୍କୁ ସହାୟତା ଯୋଗାଇଥିବା ଲତିକା ପ୍ରଶାନ୍ତିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ବିକ୍ରମ କୁମାର ବେହେରାଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟକ "ଅଧୁରା ସ୍ୱପ୍ନ' ମଞ୍ଚସ୍ଥ ହୋଇଥିଲା। ସଂସ୍କୃତ ଶିକ୍ଷକ ନିତ୍ୟାନନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ ଦଶମ ଶ୍ରେଣୀ ଛାତ୍ରମାନେ ପରିବେଶ ସୁରକ୍ଷାକୁ ଆଧାର କରି ଗଞ୍ଜାମ ଲୋକ କଳା ସମ୍ପର୍କିତ ଦଣ୍ଡ ନାଚ ପରିବେଷଣ କରିଥିଲେ। ପରିଶେଷରେ ନିତ୍ୟାନନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ କମଳ କୁମାରୀ ପଟ୍ଟନାୟକ, ବିଜୟ କୁମାର ପାଢ଼ୀ, ଅରୁଣ କୁମାର ପ୍ରଧାନ, ଟି. ଲଡ୍ଡୁ କିଶୋର ପାତ୍ର ଓ ବିପିନ ବିହାରୀ ପାଠୀ ଯୋଗ ଦେଇଥିଲେ।

# ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପର ଭ୍ରମଣ କାର୍ଯ୍ୟକ୍ରମ

ଫିରିଙ୍ଗିଆ,୧୪।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ବିଭିନ୍ନ ଗ୍ରାମରେ ଚାଲିଥିବା ଶ୍ରୀ ଅନ୍ନ ଅଭିଯାନ କାର୍ଯ୍ୟକ୍ରମକୁ ଅଧିକ ସଫଳ କରିବା ପାଇଁ ଫିରିଙ୍ଗିଆ ଅଞ୍ଚଳର ସମସ୍ତ ଚାଷୀଙ୍କୁ ପରିଭ୍ରମଣର ସୁବିଧା ସୁଯୋଗ ଦିଆଯାଉଛି। ଏହି କାର୍ଯ୍ୟକ୍ରମକୁ ଅଧିକ ତ୍ୱାରାନ୍ୱିତ କରିବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଗ୍ରଗାମୀ ତରଫରୁ କୋରାପୁଟ ଜିଲ୍ଲାର ଜୟପୁର ସ୍ଥିତ ସ୍ୱାମୀ ନାଥନ ରିସର୍ଚ୍ଚ ଅନୁଷ୍ଠାନ (କୃଷି ଓ ବ୍ୟସୟିକ ଗବେଷଣା କେନ୍ଦ୍ର) କୁ ୫ ଦିନିଆ ପରିଭ୍ରମଣ ପାଇଁ ଚାଷୀଙ୍କୁ ନିଆଯାଇଥିଲା। ଏହି ଭ୍ରମଣ କାର୍ଯ୍ୟକ୍ରମକୁ ଫିରିଙ୍ଗିଆ ବ୍ଲକ କୃଷି ଅଧିକାରୀ ସଞ୍ଜୟ କୁମାର ବାରିକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଫିରିଙ୍ଗିଆ ବ୍ଲକର ୨୧ ପଞ୍ଚାୟତର ୨୫ ଜଣ ମହିଳା ଚାଷୀ ଓ ୧୫ ଜଣ ପୁରୁଷ ଚାଷୀ ଭ୍ରମଣରେ ଯୋଗ ଦେଇଛନ୍ତି। ଏହି ଭ୍ରମଣ ଯୋଜନାରେ ମାଣ୍ଡିଆ ଭଳି କ୍ଷୁଦ୍ର ଦାନା ଶସ୍ୟ ଚାଷ କିଭଳି ଭାବରେ ଅଧିକ କରାଯିବ ଓ ଜୈବିକ ପଦ୍ଧତ ଚାଷ ଓ ଉନ୍ନତ ମାନର ବିହନ ବ୍ୟବହାର ସମ୍ପର୍କରେ ସଚେତନ କରାଯିବ। ଜିଲ୍ଲା କୃଷି ବିଭାଗ ଏଥିନେଇ ସହଯୋଗ କରୁଛି।

■ ବରିଷ୍ଠ କିରାଣିଙ୍କୁ ହାଣିବା ଘଟଣା

# ଫେରାର ଅଭିଯୁକ୍ତଙ୍କ ଟେର୍ ପାଉନି ପୁଲିସ

ବ୍ରହ୍ମପୁର,୧୪ ।୧(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସପିଟାଲର ବରିଷ୍ଠ କିରାଣୀ କୈଳାସଚନ୍ଦ୍ର ସାହୁଙ୍କୁ ଖଣ୍ଡାରେ ହାଣିବା ଘଟଣା ଆଜିକୁ ୧୯ଦିନ ବିତିଯାଇଥିଲେ ସୁଦ୍ଧା ଅଭିଯୁକ୍ତଙ୍କ ଟେର ପୁଲିସ ପାଇ ପାରୁନଥିବା ଜଣାପଡ଼ିଛି । ପୁଲିସ ସିସିଟିଭି କ୍ୟାମେରାରୁ ସଂଗ୍ରହ ହୋଇଥିବା ଫୁଟେଜକୁ ଆଧାର କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ଚେଷ୍ଟା ଜାରି ରଖିଛି। ଗତ ଡିସେମ୍ବର ୨୬ ତାରିଖ ସନ୍ଧ୍ୟାରେ କୈଳାସ ଏମକେସିଜିରୁ ଡ୍ୟୁଟି ସାରି ଖୋଡାସିଂ ନିକଟ କୋଠାରୀନଗର ସ୍ଥିତ ଘରକୁ ଯାଉଥିବା ବେଳେ ୩ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ତାଙ୍କୁ ଅଟକାଇ ଖଣ୍ଡା ଓ କାତିରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ କୈଳାସ ଗୁରୁତର ଭାବେ ଆହତ ହୋଇ ତଳେ ପଡିଯାଇଥିଲେ। ଖଣ୍ଡା ଚୋଟରେ ତାଙ୍କ ହାତ ଓ ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ତୁରନ୍ତ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅଧିକ ଚିକିତ୍ସା ପାଇଁ ଏଠାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣା ୩ଦିନ ପରେ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା।

# ଜଗଦଳପୁରରେ ଧାନ ମଣ୍ଡି ଶୁଭାରମ୍ଭ

କୁକୁଡ଼ାଖଣ୍ଡି,୧୪ ।୧(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଳପୁର ପଞ୍ଚାୟତରେ ଧାନମଣ୍ଡି ଶୁଭାରମ୍ଭ ହୋଇଯାଇଛି। ମା' ମହାମାୟୀ ମହିଳା ସ୍ୱସହାୟକ ସହାୟକ ଗୋଷ୍ଠୀ ପକ୍ଷରୁ ଏହି ଧାନ ମଣ୍ଡି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଏହି ଅବସରରେ ଜଗଦଳପୁର ସମିତି ସଭ୍ୟ ବି ରବିନ୍ଦ୍ରନାଥ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାନମଣ୍ଡି ଶୁଭାରମ୍ଭ କରିଥିଲେ। ଚାଷୀମାନେ ଏସ୍ଏମ୍ଏସ୍ ଜରିଆରେ ପାଇଥିବା ସୂଚନା ଅନୁଯାୟୀ ନିର୍ଦ୍ଧାରିତ ମଣ୍ଡି ଓ ନିର୍ଦ୍ଧାରିତ ମାନର ଧାନ ବିକ୍ରି କରିବା ପାଇଁ ଆରଏମସି ତରଫରୁ ଆସିଥିବା



କ୍ୱାଲିଟି ଏନଲାଇଜର୍ ଈଶ୍ୱର ସେଠୀ ଚାଷୀ ମାନଙ୍କୁ ଅନୁରୋଧ କରିଥିଲେ। ମହିଳା ଗୋଷ୍ଠୀ ତରଫରୁ ସଭାନେତ୍ରୀ ନର୍ମଦା ବାରିକ, ସମ୍ପାଦିକା ସୁନ୍ଦରୀ ବେହେରା ପ୍ରମୁଖଙ୍କ ପ୍ରଚେଷ୍ଟାରେ ଏହି ଧାନ ମଣ୍ଡି ଶୁଭାରମ୍ଭ ହୋଇଥିବା ବେଳେ ଏଥିରେ ଏ ବୁଲା ପାତ୍ର, କୁରା ସେଠୀ, ସୁଦାମ ପାତ୍ର, ବୁଢୁ ବେହେରା, ନୀଳାଞ୍ଚଳ ବେହେରା, ସନ୍ତୋଷନୀ ଘଡେଇ, ସିଏଚ୍ ସତ୍ୟମ୍ ପାତ୍ର, ଶଙ୍କର ନାୟକ, ସୁଶାନ୍ତ ପାତ୍ରଙ୍କ ସମେତ ସ୍ଥାନୀୟ ପଞ୍ଚାୟତର ବହୁ ଚାଷୀ ଓ ମହିଳା ଗୋଷ୍ଠୀର ସମସ୍ତ ସଦସ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦୟାନନ୍ଦ ବୈଦିକ ଯୋଗାଶ୍ରମର ବାର୍ଷିକୋତ୍ସବ

ବୁଗୁଡ଼ା,୧୪ ।୧(ସମିସ): ସ୍ଥାନୀୟ ମହର୍ଷି ଦୟାନନ୍ଦ ବୈଦିକ ଯୋଗାଶ୍ରମର ପଞ୍ଚବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୋଗାଶ୍ରମ ସଭାପତି ଦୟାନିଧି ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପିକା ବିଦୁଷୀ ଉଷାରାଣୀ ପାଢୀ, ସମ୍ମାନିତ ଅତିଥି ଭାବେ ରାଇକିଆ ତପୋବନ ଆଶ୍ରମର ବାନପ୍ରସ୍ଥ, ବ୍ରହ୍ମପୁର ଆର୍ଯ୍ୟ ସମାଜ ସଭାପତି ଲକ୍ଷ୍ମୀଧର ପଣ୍ଡା ଓ ପୁରୋହିତ ହରିବନ୍ଧୁ ମହାପାତ୍ର ପ୍ରମୁଖ ଯୋଗ ଦେଇ ବୈଦିକ ଭାବଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ବିପିନ ବିହାରୀ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପରିଶେଷରେ ଉପସଭାପତି ରଘୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲାବେଳେ ସଦସ୍ୟା ସୁକାନ୍ତି ରାଜଗୁରଙ୍କ ସମେତ ଅନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୱାରେଣ୍ଟ ବଳରେ ଯୁବକ ଗିରଫ

ଦିଗପହଣ୍ଡି,୧୪ ।୧(ସମିସ): କେ.ନୂଆଗାଁ ଥାନା ପୁଲିସ ମଙ୍ଗଳବାର ଏସ. ଟିକରପଡ଼ା ଗ୍ରାମର ନାରାୟଣ ପାତ୍ରଙ୍କୁ ଜାମିନ ବିହୀନ ୱାରେଣ୍ଟ ବଳରେ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜିଲ୍ଲା ଦୌରା ଜଜ କୋର୍ଟଚାଲାଣ କରାଯାଇଥିବା ଆଇଆଇସି କିଶୋର କୁମାର ସାମଲ କହିଛନ୍ତି। ନାରାୟଣ ମାମଲା ନଂ.୩୦/୨୨ ଅନୁଯାୟୀ ଅଭିଯୁକ୍ତ ଥିଲେ ମଧ୍ୟ କୋର୍ଟରେ ହାଜର ହେଉନଥିବା କାରଣରୁ ତାଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଥିଲା।

ବଳଦେବ ସ୍ୱାମୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# କବିସୂର୍ଯ୍ୟନଗର ଚାମ୍ପିଅନ

ବୁଗୁଡ଼ା,୧୪ ।୧(ସମିସ): ବୁଗୁଡ଼ା ବଳଦେବ ସ୍ୱାମୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ଷ୍ଟାଡିଅମରେ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କାଞ୍ଚିଆପଲି ରେଞ୍ଜୀ ଇଲେଭନକୁ ପରାସ୍ତ କରି ମହାମାୟୀ ଇଲେଭେନ କବିସୂର୍ଯ୍ୟନଗର ଚାମ୍ପିଅନ ହୋଇଛି। ଟସ ଜିତି କାଞ୍ଚିଆପଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩ ଓଭରରେ ୩୦ରନ କରିଥିଲା। ଜବାବରେ କବିସୂର୍ଯ୍ୟନଗର ନଗର ଟିମ ୨. ୩ ଓଭରରେ ୩୧ ରନ କରି ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟରେ ପୋଲସରା, କାଞ୍ଚିଆପାଲି, କବିସୂର୍ଯ୍ୟନଗର, ବେଲଗୁଣ୍ଠା, ବୁଢ଼ାମ୍ବ, ପାଣିକେଶର, ତାକରଡ଼ା ଏବଂ ଗୁଡ଼ିଆଳି ଟିମ ଅଂଶଗ୍ରହଣ କରିଥିବା ବେଳେ ସେମିଫାଇନାଲରେ ପୋଲସରାକୁ ହରାଇ କାଞ୍ଚିଆପାଲି ଓ ତାକରଡାକୁ ହରାଇ କବିସୂର୍ଯ୍ୟନଗର ଫାଇନାଲରେ ପ୍ରବେଶ କରିଥିଲେ। ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲିକ, ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଅମ୍ପାୟାର ଭାବେ ସାଗର ପରିଡ଼ା, ଚିତ୍ତରଞ୍ଜନ ଦୋରା, ସ୍କୋରର ଭାବେ ଦେବାଶିଷ ନାୟକ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଟୁଲୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କ୍ଲବ ପକ୍ଷରୁ ଶୁଭମ ମିଶ୍ର, ଆକାଶ ପାତ୍ର, ଯଶୋବନ୍ତ ଜେନା, ଧନୁ ସାହୁ, ଶିବରାମ ପୋଲେଇ, ମିଟୁ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।



# ମା'ମହାମାୟୀଙ୍କ ନଗର ପରିକ୍ରମା



କବିସୂର୍ଯ୍ୟନଗର,୧୪ ।୧(ସମିସ): ମକର ସଂକ୍ରାନ୍ତି ଉପଲକ୍ଷେ କବିସୂର୍ଯ୍ୟନଗର ଅଧିଷ୍ଠାତ୍ରୀ ଦେବୀ ଜଗତ ଜନନୀ ମା'ମହାମାୟୀଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ସୁସଜ୍ଜିତ ଏକ ରଥରେ ମା'ଙ୍କୁ ସଜାଇ ପୂଜାରୀ ନିଜ ମସ୍ତକରେ ଧରି ନଗର ପରିକ୍ରମା କରିଥିଲେ। ପ୍ରତି ସାହି ବାରଣ୍ଡାରେ ମା'ଙ୍କ ଲାଗି ପୂଜା ବାଢିଥିଲେ। ଏହି ଅବସରରେ ବିଭିନ୍ନ ଦେବଦେବୀଙ୍କ ବେଶରେ ସୁସଜ୍ଜିତ ରିକ୍ସାରେ ନଗର ପରିଭ୍ରମଣ କରାଯାଇଥିଲା। ଢୋଲ, ବାଜବାଜଣା ବଜାଇ ନଗର ବୁଲିଥିଲେ। ମହାମାୟୀଙ୍କ କମିଟି, ନଗରବାସି ଏହି ଯାତ୍ରାରେ ସାମିଲ ହୋଇଥିଲେ।

ମଣ୍ଡି ଖୋଲିବାରେ ବିଳମ୍ବ

# ଏଫ୍ଏକ୍ୟୁ ମାନକୁ ନେଇ ଚାଷୀଙ୍କ ଅସନ୍ତୋଷ

ଭଞ୍ଜନଗର,୧୪ ।୧(ସମିସ): ଭଞ୍ଜନଗର ସରକାରୀ ଧାନ କ୍ରୟ କେନ୍ଦ୍ର(ମଣ୍ଡି)କୁ ଏଫ୍ଏକ୍ୟୁ ମାନର ଧନ ଆଣିବାକୁ ଚାଷୀଙ୍କୁ କୁହାଯାଉଛି। ଚାଷୀ ଭଲ ଧାନ ଧରି ଆସିଥିଲେ ମଧ ବିଭିନ୍ନ ବାହାନା ଦେଖାଇ ଧାନ କିଣାଯାଉନି। ମଣ୍ଡିରେ ମିଲର ପ୍ରତିନିଧି ଓ ଚାଷୀଙ୍କ ଭିତରେ କଟନିଛଟନି କଥା ଉଠୁଛି। ଯେଉଁଠି କଥା ଛିଡୁଛି ସେଠି ଧାନ ଯାଉଛି। ଯେଉଁ ଚାଷୀ କଟନି ଛଟନିକୁ ମନା କରୁଛି ସେଠାରେ ଧାନ କିଣା ଯାଉନାହିଁ। ଏବେ ସୁଦ୍ଧା ଭଞ୍ଜନଗର ବ୍ଲକର ସମସ୍ତ ମଣ୍ଡି ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇନାହିଁ। ଯାହାକୁ ନେଇ ଭଞ୍ଜନଗର ବ୍ଲକ ଗୁଜୁରାଳି ସମବାୟ ସମିତି ଅଧୀନସ୍ଥ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ଚାଷୀ ମାନେ ଏକାଠି ହୋଇ ଏହାର ପ୍ରତିବାଦ କରିବା ସହ ନାରାବାଜି ଦେଇଛନ୍ତି। କୌଣସି କଟନି ଛଟନି ନକରି ଧାନ କିଣିବାକୁ ଚାଷୀମାନେ ଦାବି କରିଛନ୍ତି। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡରେ ଧାନକିଣା ବହୁ ଆଡ଼ମ୍ବରେ ଲଘୁକ୍ରିୟାରେ ପରିଣତ ହୋଇଛି। ବିଶେଷ କରି ଚଳିତ ଖରିଫରେ ସରକାରଙ୍କ ଘୋଷିତ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା ଦର ନେଇ ଚାଷୀ ଉତ୍ସାହିତ ଥିବା ବେଳେ କଡ଼ାକଡ଼ି ନିୟମ ଚାଷୀଙ୍କୁ ନିରୁତ୍ସାହିତ କରିଛି। ଫଳ ସ୍ୱରୂପ ଧାନ ସଂଗ୍ରହରେ ମନ୍ଥରତା ଦେଖାଦେଇଛି। ଗତବର୍ଷ ଏହି ସମୟରେ ଭଞ୍ଜନଗର ଉପଖଣ୍ଡରେ ଧାନ କିଣା ଜୋରସୋରରେ ଚାଲିଥିବା ବେଳେ ଚଳିତ ବର୍ଷ ଆଜି ସୁଦ୍ଧା ଉପଖଣ୍ଡର ଅର୍ଦ୍ଧାଧିକ ମଣ୍ଡି ପୁର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇନାହିଁ। ଚଳିତ ମାସ ୩ ତାରିଖରୁ ଉପଖଣ୍ଡରେ ଧାନକିଣା ଶୁଭାରମ୍ଭ ହୋଇଥିଲେ ମଧ ଅଦ୍ୟାବଧି ଉପଖଣ୍ଡର



ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲିନାହିଁ। ଯେଉଁଠି ଖୋଲିଛି ସେଠାରେ ଧାନର ଏଫ୍ଏକ୍ୟୁ ମାନକୁ ନେଇ ମିଲର୍ସ ଓ ଚାଷୀ ମଧ୍ୟରେ ବିବାଦ ଉପୁଜୁଛି। ବିଶେଷ କରି ସରକାର ୩୧୦୦ ଟଙ୍କା କୁଇଣ୍ଟାଲ ପ୍ରତି ଦର ଧର୍ଯ୍ୟ କରିବା ପରେ ସଂଗ୍ରହ କରଯାଇଥିବା ଧାନର ମାନକୁ ଗୁରୁତ୍ୱ ଦିଆଯାଉଛି। ସରକାରୀ ମଣ୍ଡିକୁ ଚାଷୀ ଆଣୁଥିବା ଧାନର କୌଣସି ପ୍ରକାର କଟ୍ନି ଛଟ୍ନି ହେବ ନାହିଁ ବୋଲି ସ୍ପଷ୍ଟ ଜଣାଇଥିବା ବେଳେ ମିଲରମାନେ ମଧ ଏଫ୍ଏକ୍ୟୁ ଧାନ ନହେଲେ ନେବା ପାଇଁ ରାଜି ହେଇନାହାନ୍ତି। ହେଲେ କଟନି ଛଟନି କଥା ଛିଡିବା ପରେ ଧାନ କିପରି ଏଫ୍ଏକ୍ୟୁ ମାନର ହୋଇ ପାରୁଛି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି।

## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



**ପାତ୍ରପୁର,୧୪ ।୧(ସମିସ):** ପାତ୍ରପୁର ତହସିଲ ଅନ୍ତର୍ଗତ ତୁରୁବୁଡ଼ି ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଜିନିଷ ପତ୍ର ପୋଡି ପାଉଁଶ ହୋଇଯାଇଛି। ମଙ୍ଗଳବାର ସକାଳେ ତୁରୁବୁଡ଼ି ବସଷ୍ଟାଣ୍ଡ ନିକଟରେ ରହୁଥିବା ଦୁଃଖୀ ଗୌଡ଼ଙ୍କ ଘର ନିଆଁ ଲାଗି ପୋଡ଼ି ଯାଇଥିଲା। ଏହି ସମୟରେ ଘର ମଧ୍ୟରେ ଦୁଃଖୀ ଏବଂ ତାଙ୍କ ନାତି ସାଇରାମ୍ ପାଟି କରିଥିଲେ । ତେବେ ହଠାତ୍ ନିଆଁ ବ୍ୟାପି ଯିବା ଫଳରେ ଉଭୟେ ଆହତ ହୋଇ ଘରୁ ବାହାରକୁ ଚାଲି ଆସିଥିଲେ। ଘରୁ ପ୍ରବଳ ନିଆଁ ବାହାରୁଥିବା ଦେଖି ଗ୍ରାମବାସୀ ରୁଣ୍ଡ ହୋଇ ନିଆକୁ ଆୟତ୍ତ କରିଥିଲେ । ତାଙ୍କ ପୁଅ ରଖିଥିବା ନଗଦ ଟଙ୍କା ସହିତ ଚାଉଳ, ରାସନ ସାମଗ୍ରୀ ଜିନିଷ ପୋଡ଼ି ନଷ୍ଟ ହୋଇଥିବା ଜଣାପଡିଛି। ଗ୍ରାମବାସୀ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ସମ୍ପୂର୍ଣ୍ଣ ନିଆଁକୁ ଆୟତ୍ତ କରିଥିଲେ।

## ହତ୍ୟା ଉଦ୍ୟମ ମାମଲାରେ ଯୁବକ ଗିରଫ

**ଦିଗପହଣ୍ଡି,୧୪ ।୧(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ନିମଖଣ୍ଡି ପେଣ୍ଠ ପଞ୍ଚାୟତର ମେଘଝୋଲି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜାଗିଲି ନାୟକଙ୍କୁ ଗତ ୩ ତାରିଖ ସକାଳେ ହତ୍ୟା ଉଦ୍ୟମ କରାଯାଇଥିଲା। ଏହି ଘଟଣାରେ କେ.ନୂଆଗାଁ ପୁଲିସ ମଙ୍ଗଳବାର ଅଭିଯୁକ୍ତ ସୁଶାନ୍ତ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ସୁଶାନ୍ତଙ୍କ ଇଟା ମାଡରେ ଜାଗିଲିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ବାମ ହାତ ଭାଙ୍ଗିଯାଇଥିଲା। ସେହିଭଳି ଅଭିଯୁକ୍ତ ଓ ତାଙ୍କ ପରିବାର ସଦସ୍ୟ ମାନେ ମିଶି ଜାଗିଲିଙ୍କ ସ୍ତ୍ରୀ ମନାସ ନାୟକଙ୍କୁ ଟଣାଓଟରା କରିଥିବା ନେଇ ଏତଲାରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଓ ଅଭିଯୋଗକାରୀ ଦୁଇ ପଡୋଶୀ ହୋଇଥିବା ବେଳେ ଉଭୟ ପରିବାରଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ଗତ ୩ ତାରିଖରେ ସୁଶାନ୍ତ ଘର କାମ ଆରମ୍ଭ କରୁଥିବା ବେଳେ ମନାସ ସେହି ଜାଗାକୁ ନିଜର କହି ପ୍ରତିବାଦ କରିଥିଲେ। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ଆହତ ଜାଗିଲିଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ପଠାଯାଇଥିଲା। ମେଡିକାଲରୁ ଫେରିବା ପରେ ଜାଗିଲିଙ୍କ ସ୍ତ୍ରୀ କେ. ନୂଆଗାଁ ଥାନାରେ ଏତଲା ଦେଇଥିଲେ। ଏତଲା ଭିତ୍ତିରେ ପୁଲିସ ଥାନା ମାମଲା ନଂ. ୯/୨୫ ପ୍ରକାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ମଙ୍ଗଳବାର ଅଭିଯୁକ୍ତ ସୁଶାନ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।

## କମେଣ୍ଟମରାରୁ ଯୁବତୀଙ୍କ ଆତ୍ମହତ୍ୟା

**କବିସୂର୍ଯ୍ୟନଗର,୧୪ ।୧(ସମିସ):** କବିସୂର୍ଯ୍ୟନଗର ଥାନା ସାନଉସ୍ତାପଡା ଗାଁରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଗାଁରେ ଜଣେ ଯୁବତୀଙ୍କୁ ସେହି ଅଞ୍ଚଳର ଜଣେ ଯୁବକ କମେଣ୍ଟ ମାରିବାରୁ ଏହାକୁ ସହ୍ୟ କରି ନ ପାରି ଯୁବତୀଙ୍କ ଜଣଙ୍କ ବିଷପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣା ତଦନ୍ତ କରୁଛି। ମୃତକ ହେଲେ ସେହି ଗ୍ରାମର ରାଜେଶ୍ୱରୀ ପ୍ରଧାନ। ସେ ସୁରତରେ ରହୁଥିବା ବେଳେ ଗତ କିଛି ଦିନ ହେବ ଗାଁକୁ ଆସିଥିଲେ। ସେହି ଗ୍ରାମର ବଣ୍ଟି ପ୍ରଧାନ ରାଜେଶ୍ୱରୀଙ୍କୁ କମେଣ୍ଟ ମାରିବା ସହ ଅଶ୍ଳୀଳ ଇଙ୍ଗିତ କରିଆସୁଥିଲେ । ଯାହାକୁ ନେଇ ଉକ୍ତ ଯୁବକଙ୍କ ସହ ମୃତ ଯୁବତୀ ଯୁକ୍ତି କରିଥିଲେ। ତେବେ କମେଣ୍ଟ ମରା ଏତେ ମାତ୍ରାରେ ବୃଦ୍ଧି ହୋଇଥିଲା ଯେ ଯୁବତୀ ଜଣକ କିଟନାଶକ ଔଷଧ ଖାଇ ଜୀବନ ହାରିଥିବା ଅଭିଯୋଗ ହୋଇଛି। ଏନେଇ କବିସୂର୍ଯ୍ୟନଗର ଥାନାରେ ମୃତକଙ୍କ ଭଉଣୀ ଏତଲା ଦେଇଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ଯୁବତୀଙ୍କ ମୃତ୍ୟୁ ପାଇଁ ବଣ୍ଟି ପ୍ରଧାନ ଦାୟୀ ବୋଲି ମୃତକ ଯୁବତୀଙ୍କ ଜେଜେ ବାପା ବଂଶୀଧର ପ୍ରଧାନ ଅଭିଯୋଗ କରିଛନ୍ତି।

## ମା'କାମାକ୍ଷୀ ପୀଠରେ ମକର ଉତ୍ସବ

**ଶେରଗଡ଼,୧୪ ।୧(ସମିସ):** ନରେନ୍ଦ୍ରପୁରର ଆରାଧ୍ୟ ଦେବୀ ମା' କାମାକ୍ଷୀଙ୍କ ପୀଠରେ ମକର ପର୍ବ ଅନୁଷ୍ଠିତ ହୋଇଯାଇଛି। ମକର ପର୍ବରେ ଏହି କାମାକ୍ଷୀ ପୀଠରେ ମା'ଙ୍କ ଦର୍ଶନ ଲାଗି ଜିଲ୍ଲାର କୋଣ ଅନୁକୋଣରୁ ଛୁଟି ଆସନ୍ତି ଅଗଣିତ ଶ୍ରଦ୍ଧାଳୁ। ପ୍ରତ୍ୟୁଷରୁ ମା'ଅଙ୍ଗ ରାଗ, ମାର୍ଜଣା, ମହାପ୍ରସାଦ ଅର୍ପଣ ବେଶ ପରେ ଆଳତୀ ହୋଇ ସର୍ବସାଧାରଣଙ୍କ ଦର୍ଶନ ବଢିଥିଲା। ନରେନ୍ଦ୍ରପୁର ଗ୍ରାମ ତରଫରୁ ନୂଆଁ ଆଟିକାରେ ନୂଆ ଚାଉଳ ଚୁନା, ଗୁଡ, ଘିଅ, କ୍ଷୀର, ନଡ଼ିଆ, ମହୁ, କର୍ପୂର, ଗୁଜୁରାତି, ଗୋଲମରିଚ, ଅଦା, ସାକରକନ୍ଦା, କଦଳୀ, ସେଓ, ଆଖୁ ଇତ୍ୟାଦି ଫଳମୂଳ ଯୋଗାଇ ଦିଆଯାଇଥିଲା। ମକର ନୈବେଦ୍ୟ ପ୍ରସ୍ତୁତ କରିବା ପରେ ଘଣ୍ଟ, ଘଣ୍ଟା, କାହାଳୀ, ବାଦ୍ୟ ବାଜି ଉଠିଥିଲା। ଏହି ପର୍ବରେ ସର୍ବସାଧାରଣଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ନାମଯଜ୍ଞ, ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅଗଣିତ ଶ୍ରଦ୍ଧାଳୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମା'ଙ୍କର ମକର ଚୌତିଶା ବେଶ ଦର୍ଶନ କରିଥିଲେ।



### ସମବାୟ ସମିତିରେ ତାଲା ପଡ଼ିବା ଘଟଣା

# ସମ୍ପାଦକଙ୍କୁ ବହିଷ୍କାର ଦାବି ଜୋର୍ ଧରିଲା

**ଛତ୍ରପୁର,୧୪ ।୧(ସମିସ)**

ଛତ୍ରପୁର ବ୍ଲକ ବିପୁଳିଙ୍ଗି ସେବା ସମବାୟ ସମିତି କାର୍ଯ୍ୟାଳୟରେ ଚାଷୀମାନେ ବିଭିନ୍ନ ସମସ୍ୟା ନେଇ ସୋମବାର ତାଲା ପକାଇଥିଲେ। ଟୋକେନ ଆସିଥିବା ଚାଷୀଙ୍କ ଧାନ ଉଠୁନି, କଟନି ଛଟନି ବନ୍ଦ କରିବା ସହ ଏଠାକାର ସମ୍ପାଦକଙ୍କୁ ବହିଷ୍କାର ସମେତ ବିଭିନ୍ନ ଦାବି ନେଇ ଚାଷୀ ସମବାୟ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏପରିକି ସଂପାଦକ ଜଣକ କିଛି ଚାଷୀଙ୍କ ଧାନ ବିକ୍ରି କରିବା ପୂର୍ବରୁ ଇ.ସ୍କାନ କରିଦେଇଥିବାବେଳେ ୩ ଓ ୪ରୁ ଟୋକେନ ଆସିଥିବା ଚାଷୀ ଏଯାବତ ଧାନ କିଣାଯାଇନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ମଙ୍ଗଳବାର ଏହି ସବୁ ସମସ୍ୟାର ସମାଧାନ ନେଇ ଚାଷୀ, ମିଲର, ପ୍ରଶାସନିକ ଅଧିକାରୀମାନେ ଏକ ବୈଠକ କରି ଏକ ଆଶୁ ସମାଧାନ ହେବା ସହ ତାଲା ଖୋଲାଯାଇଥିଲା। ଏଆରସିଏସ ଯୋଗମାୟା ସାବତ, ବ୍ଲକ ଯୋଗାଣ ଅଧିକାରୀ ବର୍ଷାରାଣୀ ପାଢୀ, ଆରଏମସି କର୍ମଚାରୀ, ମଣ୍ଡି ନୋଡାଲ ସୁପରଭାଇଜର, ମିଲର ଓ ଚାଷୀ ମାନେ ଉପସ୍ଥିତରେ ବୈଠକ ହୋଇଥିଲା। ପୂର୍ବରୁ ଯେପରି ଧାନ ବିକ୍ରି କରୁଥିଲେ ଚାଷୀ ସେହିପରି ହେବବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଆସନ୍ତାକାଲି ଠାରୁ ଚାଷୀମାନେ ଯେପରି ଧାନ ସୁରୁଖୁରୁରେ ବିକ୍ରି କରିପାରିବେ ତାହା ଉପରେ ଆଲୋଚନା ହୋଇଥିଲା। ସ୍ଥାନୀୟ ମିଲରକୁ ହିଁ ଏଠାରୁ ଧାନ ଉଠାଇବା ପାଇଁ ଟେଗ କରାଯାଉ ବୋଲି ଚାଷୀମାନେ ଏଆରସିଏସକୁ କହିଥିଲେ। ଏହା ସହ ବିପୁଳିଙ୍ଗି ସେବା ସମବାୟ ସମିତି ସଂପାଦକ ମନମୁଖୀ କାର୍ଯ୍ୟକଳାପ ଓ ଚାଷୀ ଦୁର୍ବ୍ୟବହାର ନେଇ ଏକ ସ୍ମାରକପତ୍ର ଏଆରସିଏସକୁ ପ୍ରଦାନ କରାଯାଇଥିଲା। ଉକ୍ତ ସ୍ମାରକପତ୍ରରେ ସଂପାଦକକୁ ତୁରନ୍ତ ବହିଷ୍କାର ଦାବି କରାଯାଇଛି। କାରଣ ସଂପାଦକ ଜଣକ ମଣ୍ଡିରେ ବେଆଇନ କାରବାର, ଧାନ ପଞ୍ଜିକରଣ କରିବାରେ ପାତର ଅନ୍ତର, ସଫଳ ଯୋଜନାରେ ଚାଷୀଙ୍କ ଠାରୁ ଶହେ ଟଙ୍କା ଲେଖାଁଏ ନେବା, ପୁରାତନ କମିଟିକୁ ଭଙ୍ଗ କରି ନୂଆ କମିଟି ଗଠନ କରିବା ପ୍ରମୁଖ ଦାବି କରିଥିଲେ। ଏହା ଉପରେ ଆଗାମି ଦିନରେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଆରସିଏସ କହିଛନ୍ତି।



### ● ୧୦ ଦିନ ମଧ୍ୟରେ ଚାଲିଗଲେ ଶଶୁର ଓ ସ୍ୱାମୀ

## ବେସାହାରା ଯମୁନାଙ୍କ ଉପରେ ପରିବାର ବୋଝ

**କୋଦଳା,୧୪ ।୧(ସମିସ)**

ବିଧିର ବିଧାନ କେ କରିବ ଆନ। ମୃତ୍ୟୁ ସମସ୍ତଙ୍କ ଜୀବନରେ ଆସେ କିନ୍ତୁ ଏହା ଯେ ଏମିତି ବିଚିତ୍ର ଭାବରେ ଆସେ ତାହା ସମସ୍ତଙ୍କୁ ଚକିତ କରିଦେବ। ଶଶୁର ମରିବାର ଦଶ ଦିନରେ ସ୍ୱାମୀ ଆରପାରିକୁ ଚାଲିଗଲେ। ଶେଷରେ ଦୁଃଖରେ କାଳ କାଟୁଛନ୍ତି ବେସାହାରା ଶାଶୁ କେଶରୀ ଓ ବୋହୂ ଯମୁନା। ଗଞ୍ଜାମ ଜିଲ୍ଲା କୋଦଳା ଥାନା ତଥା ଖଲ୍ଲିକୋଟ ବ୍ଲକର କଞ୍ଚଣା ପଞ୍ଚାୟତର ରାଣୀପଡ଼ା ଗ୍ରାମରେ। ଉକ୍ତ ଗ୍ରାମରେ ମୂଳିଆ ପ୍ରଧାନ ଓ ତାଙ୍କ ପତ୍ନୀ କେଶରୀ ପ୍ରଧାନଙ୍କର ଏକ ମାତ୍ର ପୁଅ ରବୀନ୍ଦ୍ର ପ୍ରଧାନ। ଗତ ୩ ବର୍ଷ ତଳେ ରବୀନ୍ଦ୍ର ଯମୁନାଙ୍କୁ ବିବାହ କରିଥିଲେ। ପରେ କୋଳରେ ଜନ୍ମ ନେଇଥିଲା ଝିଅ ପ୍ରିୟାଂଶି। ଗତ ୧୦ ମାସ ତଳେ ଏକ ବାଇକ ଦୁର୍ଘଟଣାରେ ରବୀନ୍ଦ୍ର ଗୁରୁତର ଆହତ ହେବା ପରେ କୋମା ଅବସ୍ଥାକୁ ଚାଲିଯାଇଥିଲେ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ପରେ ବି ସେ ଠିକ ଅବସ୍ଥାକୁ ଫେରିନଥିଲେ ଓ ଶଯ୍ୟାଶାୟୀ ଥିଲେ। ୪ ମାସ ଆଗରୁ ଯମୁନା ଏକ ଶିଶୁ ପୁତ୍ର ଅରିୟାନକୁ ଜନ୍ମ ଦେଇଥିଲେ। ରବୀନ୍ଦ୍ରର ସ୍ୱାସ୍ଥ୍ୟବସ୍ଥା ସହିତ ଆର୍ଥିକ ଅନାଟନ ଚିନ୍ତାରେ ବାପା ମୂଳିଆ ଗତ ନଭେମ୍ବର ୧୬ ତାରିଖରେ ସବୁଦିନ ପାଇଁ ଆଖି ବୁଜିଲେ। ତାଙ୍କ ଦଶାହ ଦିନ ବିଳମ୍ବିତ ରାତିରେ ପୁଅ ରବୀନ୍ଦ୍ର ବି ସବୁଦିନପାଇଁ ଆଖି ବୁଜିଦେଲେ। ବର୍ତ୍ତମାନ ଘରେ ଦୁଃଖିନୀ କେଶରୀ ଶଯ୍ୟାଶାୟୀ। ଆଖି ଆଗରେ ନିଜର ସ୍ୱାମୀଙ୍କର ମୃତ୍ୟୁ ସହ ପୁଅର ମୃତ୍ୟୁ ଦେଖି ସମ୍ପୂର୍ଣ୍ଣ ଧର୍ଯ୍ୟହରା ହୋଇପଡିଛନ୍ତି କେଶରୀ।

ଅନ୍ୟପଟେ ନିଜ ସ୍ୱାମୀ ରବୀନ୍ଦ୍ର ଓ ଶଶୁରଙ୍କ ମୃତ୍ୟୁ ପରେ ଯମୁନା ଛୋଟ ଛୁଆଟିକୁ ଧରି କଇଁ କଇଁ ହୋଇ କାନ୍ଦିବା ଛଡା ଅନ୍ୟ କିଛି ରୋଜଗାର ଉପାୟ ଖୋଜି ପାଉନାହାନ୍ତି। ଯମୁନାଙ୍କ କୋଳରେ ବର୍ତ୍ତମାନ ନିଷ୍ପାପ ଦୁଇ ଶିଶୁ। ୨ବର୍ଷର ଝିଅ ପ୍ରିୟାଂଶି ଓ ୪ ମାସର ଶିଶୁ ପୁତ୍ର ଅରିୟାନ। ଘର ବର୍ତ୍ତମାନ ମୁରବୀ ଶୂନ୍ୟ। ସେପଟେ କେଶରୀ ଶେଯରୁ ଉଠୁନାହାନ୍ତି। ଦୁଇ ପିଲା ବାପ ଛେଉଣ୍ଡ ହୋଇଗଲେ। ଏହାକୁ ନେଇ ରାଣୀପଡ଼ା ଗାଁରେ ଦୁଃଖ ର ବାତାବରଣ ଦେଖାଦେଇଛି। ଘର ଚଳିବ କେମିତି ଏହା ଯମୁନା ପାଇଁ ଏକ ଅସମାହିତ ପ୍ରଶ୍ନ ପାଲଟି ଯାଇଛି। କୋଳରେ ଥିବା ଦୁଇ ଶିଶୁଙ୍କ ଭବିଷ୍ୟତ ଗଢିବା ତ ସାତ ସପନ, ତାଙ୍କ ମୁହଁରେ କିପରି ଖାଇବାକୁ ମୁଠାଏ ଦେବେ ତାହା ଚିନ୍ତା କରିପାରୁ ନାହାନ୍ତି। ସ୍ୱାମୀଙ୍କ ଦୁର୍ଘଟଣାବେଳେ ବହୁ ଅର୍ଥ ଖର୍ଚ୍ଚ ବାକିରେ ବୁଡି ରହିଛନ୍ତି। ଏବେ ଏହି ଦୁର୍ଘଟଣା ତାଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ତାଙ୍କୁ ସହାୟତା ଦେବା ପାଇଁ ଆକୁଳ ନିବେଦନ କରିଛନ୍ତି ଯମୁନା। କୌଣସି ସହୃଦୟ ବ୍ୟକ୍ତି କିମ୍ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ କିମ୍ବା ପ୍ରଶାସନଙ୍କ ସାହାଯ୍ୟ ତାଙ୍କ ପାଇଁ ଆଶୀର୍ବାଦ ହେବ ବୋଲି ଯମୁନା ପ୍ରକାଶ କରିଛନ୍ତି।

### ଅଧା ରହିଲା ମକର ବୁଡ଼

## ଅଟୋ ଦୁର୍ଘଟଣାରେ ୧୨ ଆହତ

**ଆସିକା,୧୪ ।୧(ସମିସ):** ମକର ସଂକ୍ରାନ୍ତିରେ ବୁଡ଼ ପକାଇବା ପାଇଁ ଆସ୍କା ନିକଟସ୍ଥ ଋଷିକୁଲ୍ୟା ଓ ବଡ଼ନଦୀର ସଂଗମ ସ୍ଥଳ ଦୋମୁହାଁଣିକୁ ଯାଉଥିଲେ। ଆଉ କିଛି ସମୟ ପରେ ନଦୀ ମୁହାଁଣରେ ପହଞ୍ଚି ବୁଡ଼ ପକାଇଥାନ୍ତେ। ହେଲେ ଠିକ ନଦୀ ପଠା ଉପରକୁ ଉଠିବା ଆଗରୁ ଅଟୋ ଓଲଟିଯିବାରୁ ସମସ୍ତେ ଆହତ ହୋଇଥିଲେ। ଆସିକା ଥାନା ଦୋମୁହାଁଣିରେ ମଙ୍ଗଳବାର ଏହି ଘଟଣା ଘଟିଛି। ପାଟପୁର ଥାନା ଡେଙ୍ଗାଡି ଗ୍ରାମର ୧୫ ଲୋକ ଗୋଟିଏ ଡ଼ାଲା ଅଟୋ ଯୋଗେ ଆସିକା ଦୋମୁହାଣୀରେ ମକର ବୁଡ଼ ପକାଇବା ପାଇଁ ଯାଉଥିଲେ। ତେବେ ଆସିକା ପୁଞ୍ଜୁଗେଶ୍ୱର ମନ୍ଦିର ନିକଟ ତଥା ନଦୀ ପଠା ଉପରକୁ ଉଠିବାବେଳେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ୧୨ ଜଣ ମହିଳା, ପୁରୁଷ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଆସିକା ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅହଲ୍ୟା ପ୍ରଧାନ ନାମକ ଜଣେ ମହିଳା ଓ ପୂଜକ ପୂର୍ଣ୍ଣ ଚନ୍ଦ୍ର ପାଢ଼ୀଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟ ଆହତ ମାନଙ୍କୁ ଆସିକା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଘଟଣାସ୍ଥଳରେ ଆସିକା ପୁଲିସ ପହଁଚି ଅଧିକ ତଦନ୍ତ କରୁଛି। ଆହତ ମାନେ ହେଲେ ଶ୍ୟାମ ସ୍ୱାଇଁ (୭୨), ପୂର୍ଣ୍ଣଚନ୍ଦ୍ର ପାଢ଼ୀ(୬୧), ସୁଫଳା ସ୍ୱାଇଁ(୪୫), ରଞ୍ଜିତା ପ୍ରଧାନ(୪୦), ପଞ୍ଚାନନ ସୁଆଁସିଆଁ(୫୩), ଯୁଧିଷ୍ଠିର ସୁଆଁସିଆଁ(୬୨), ଗୀତାଞ୍ଜଳି ସୁଆଁସିଆଁ (୪୫), ସବିତା ସୁଆଁସିଆଁ (୪୫), ଶୈଳ ସୁଆଁସିଆଁ(୪୫) ବୋଲି ଜଣାପଡିଥିବାବେଳେ ଅନ୍ୟ ମାନଙ୍କ ପରିଚୟ ମିଳିପାରିନି।



### ■ ପର୍ଯ୍ୟଟନ ସଚିବଙ୍କ ନାରାୟଣୀ ମନ୍ଦିର ପରିଦର୍ଶନ

## ନିର୍ମାଣ କାର୍ଯ୍ୟକୁ ନେଇ ଉଦ୍‌ବେଗ

**ଖଲ୍ଲିକୋଟ,୧୪ ।୧(ସମିସ):** ଗଞ୍ଜାମ ଓ ଖୋର୍ଦ୍ଧା ସୀମାରେ ଥିବା ପ୍ରସିଦ୍ଧ ଶକ୍ତିପୀଠ ମା'ନାରାୟଣୀ ମନ୍ଦିରକୁ ସୋମବାର ରାତିରେ ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ, ଗଞ୍ଜାମ ଜିଲ୍ଲାପାଳ ଓ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଚାନକ ପରିଦର୍ଶନ କରିଛନ୍ତି। ରାଜ୍ୟ ପର୍ଯ୍ୟଟନ ସଚିବ ବଲବନ୍ତ ସିଂ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁମିତା ପ୍ରମୁଖ ପରିଦର୍ଶନ କରିଥିଲେ। ନବୀନ ସରକାରଙ୍କ ସମୟରେ ମନ୍ଦିରର ଉନ୍ନତି ପାଇଁ ଦିଆଯାଇଥିବା ପ୍ରାୟ ଦେଢ଼ କୋଟି ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏହାକୁ ବୁଲି ଦେଖିଥିଲେ। କିନ୍ତୁ ନିର୍ମାଣ କାର୍ଯ୍ୟ ଓ ଏହାର ରୂପରେଖ ଅତି ନିମ୍ନମାନର ହୋଇଥିବାରୁ ଗଭୀର ଉଦବେଗ ପ୍ରକାଶ କରିଥିଲେ ପର୍ଯ୍ୟଟନ ସଚିବ ଓ ଜିଲ୍ଲାପାଳ। ନିର୍ମାଣ କାର୍ଯ୍ୟ ଆରମ୍ଭ ବେଳେ ଯେଉଁ ଡିଜାଇନ ଦିଆଯାଇଥିଲା ସେଥିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଛି ଠିକାଦାର। ତେଣୁ ଠିକାଦାରକୁ ଚେତାବନୀ ଦେବା ସହ ବର୍ତ୍ତମାନ ପାଇଁ ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ବିଶିଷ୍ଟ ଆର୍କିଟେକଚରଙ୍କ ଠାରୁ ମନ୍ଦିରର ନୂତନ ଡିଜାଇନ ଆଣିବା ପରେ ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଦୁଇ ପ୍ରଶାସନିକ ଅଧିକାରୀ କହିଥିବା ଜଣାପଡ଼ିଛି। ଏହି ଅବସରରେ ଖଲ୍ଲିକୋଟ ବିଡ଼ିଓ ଦେବାଶିଷ ସାମଲ, ତହସିଲଦାର ଡି. ମାଳେଶ୍ୱର ପାତ୍ର, ରେଞ୍ଜର ଦିବ୍ୟଶଙ୍କର ବେହେରା ଉପସ୍ଥିତ ଥିଲେ।



## ବାଗେଶ୍ୱର ବାବାଙ୍କୁ ଭବ୍ୟ ସମ୍ବର୍ଦ୍ଧନା



**ଛତ୍ରପୁର,୧୪ ।୧(ସମିସ):** ବ୍ରହ୍ମପୁର ସ୍ଥିତ ବିବେକ ବିହାର ପଡିଆରେ ଆୟୋଜିତ ନବକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ସମାହିତ ହୋଇଛି। ମକର ସଂକ୍ରାନ୍ତି ପର୍ବରେ ଏହି ଯଜ୍ଞ ସମ୍ଭାର ପୂର୍ଣ୍ଣାହୁତି ହୋଇଯାଇଛି। ମହାଯଜ୍ଞରେ ବାଗେଶ୍ୱର ଧାମର ପୂଜ୍ୟ ଗୁରୁଜୀ ଧୀରେନ୍ଦ୍ର କ୍ରିଷ୍ଣା ଶାସ୍ତ୍ରୀ (ବାଗେଶ୍ୱର ବାବା) ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ବାଗେଶ୍ୱର ବାବାଙ୍କୁ ମା'ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ ଓ ପୂଜା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ସଂଯୋଜକ କମଳ ପଣ୍ଡାଙ୍କ ନେତୃତ୍ୱରେ ପୂଜା କମିଟି ଉପଦେଷ୍ଟା ତ୍ରିପତି ବାଲାଜୀ ମିଶ୍ର, ପୂଜା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ ଜୋତିର୍ବିଦ ଦୀପକ ଦାଶ, ସହ ସଂଯୋଜକ-ତୁଷାର ଶତପଥୀ, ଶିବରାମ ନାୟକ ଉପସ୍ଥିତ ଥିଲେ। ପୂଜା କମିଟି ସଭାପତି ଅଜୟ ନାୟକ ଓ ଦିବାକର ନାୟକଙ୍କ ନେତୃତ୍ୱରେ ୫୧ ଜଣିଆ ପୂଜା କମିଟି ସଦସ୍ୟ ମାନଙ୍କ ଦ୍ୱାରା ହଜାର ହଜାର ଭକ୍ତଙ୍କୁ ସମ୍ପୂର୍ଣ୍ଣ ସେବା ଦେଇଥିଲେ।

## ହରିହର ଭେଟ ଓ ମକର ମିଳନ

**ବୁଗୁଡା,୧୪ ।୧(ସମିସ):** ବୁଗୁଡା ବ୍ଲକ୍ ଅନ୍ତର୍ଗତ ବାଲିପଦର ଗ୍ରାମରେ ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ତିନି ମହାପ୍ରଭୁ ନୀଳକଣ୍ଠେଶ୍ୱର, ଜଗନ୍ନାଥ ଓ ରଘୁନାଥ ସ୍ୱତନ୍ତ୍ର ଭାବେ ପୁଷ୍ପ ସଜ୍ଜିତ ବିମାନରେ ଭକ୍ତଙ୍କ ଗହଣରେ ଗ୍ରାମର କେନ୍ଦ୍ରସ୍ଥଳ ମକର ପଡିଆକୁ ଆସି ମିଳନ ହୋଇଥିଲେ। ତିନି ମନ୍ଦିରର କର୍ମକର୍ତ୍ତା ପୂର୍ଣ୍ଣଚନ୍ଦ୍ର ରଣା, ସଂଗ୍ରାମ କେଶରୀ ଗୁରୁ ଓ କେ.ଅଶୋକ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ କୋକରାମ ଜେନା ପରିଚାଳନା କରିଥିବା ବେଳେ ଯୁବ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ସ୍ଥାନୀୟ ପୁଲିସ୍ ପ୍ରଶାସନ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବା ବେଳେ ଆଖପାଖ ଅଞ୍ଚଳର ଲୋକକଳା ସାଂସ୍କୃତିକ ସଂଗଠନମାନେ ତିନି ଠାକୁର ସମ୍ମୁଖରେ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ। ମାନସିକଧାରୀ ଶ୍ରଦ୍ଧାଳୁମାନେ ତିନି ଠାକୁରଙ୍କ ମିଳନ ବେଳେ ମୁଆଁ ଫିଙ୍ଗି ପରମ୍ପରା ବଜାୟ ରଖିଥିଲେ। ଗ୍ରାମର ମଙ୍ଗଳ ସକାଶେ ମେଳଣ ପରେ ତିନି ଠାକୁର ଏକତ୍ର ହୋଇ ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ,ମହୁଲପଲ୍ଲି, ଝୋଲରୀ, ଏକଡାଳ, ଖରିଡା, ସାନଖୋଲି ଓ ବାଲିପଦର ଗ୍ରାମର ନାମ ସଂକୀର୍ତ୍ତନ ଦଳ ସହଯୋଗ କରିଥିଲେ। ସେହିପରି ବୁଗୁଡ଼ାସ୍ଥିତ ଶ୍ରୀବିରଞ୍ଚି ନାରାୟଣ ମନ୍ଦିରରେ ମକର ପ୍ରସାଦ ବଣ୍ଟନ କରାଯାଇଥିଲା।



### ଫେଲ୍‌ମାରୁଛି ଆଇଆର୍‌ଇଏଲ୍‌ର ସିଏସ୍‌ଆର କାର୍ଯ୍ୟକ୍ରମ

# ଉଦ୍‌ଘାଟନ ପୂର୍ବରୁ ନଷ୍ଟ ହେଉଛି ପ୍ରକଳ୍ପ

**ଛତ୍ରପୁର,୧୪ ।୧(ସମିସ)**

ଉପକଣ୍ଠ ମାଟିଖାଲ ସ୍ଥିତ ଆଇଆରଇଏଲ କମ୍ପାନୀ ପକ୍ଷର। ଗୋଷ୍ଠୀଗତ ସାମାଜିକ ଦାୟିତ୍ୱ(ସିଏସଆର) ଆନୁକୂଲ୍ୟରେ ଅଞ୍ଚଳରେ ଯେଉଁ ସବୁ କାର୍ଯ୍ୟ କରାଯାଉଛି ତାହା ଧର୍ମକୁ ଆଖିଠାର ବୋଲି ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। କେବଳ ଦେଖାଣିଆ ଭାବେ କାମ କରୁଛନ୍ତି। ନିଜ ମନମୁତାବକ କାମକରି କେବଳ ନିଜ କମ୍ପାନୀ ସୁରକ୍ଷିତ ରଖିବା ପାଇଁ ଅଞ୍ଚଳରେ ବିକାଶ କରାଯାଉଛି ବୋଲି ଡିଣ୍ଡିମ ପିଟୁଛନ୍ତି। ନିଜ ଅଞ୍ଚଳ ଆସୁଥିବା କମ୍ପାନୀ ପକ୍ଷରୁ ଲାଇଟ ଯୋଗାଯାଇଛି କିନ୍ତୁ ୩ ରୁ ୪ ମାସ ମଧ୍ୟରେ ତାହା ଖରାପ ହୋଇଯାଉଛି। ଠିକ ସେହିପରି ସୋଲାର ଲାଇଟ ମଧ୍ୟ ଅବସ୍ଥା ତାହା ମଧ୍ୟ ନିମ୍ନମାନର ବୋଲି କଣାମଣା ପୂର୍ବତନ ସରପଞ୍ଚ ତଥା ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ୍. ଚକ୍ରପାଣି ରେଡି କହିଛନ୍ତି। ଏପରିକି କଣାମଣା ପଞ୍ଚାୟତରେ ଲୋକଙ୍କ ସୁବିଧା ପାଇଁ ଏକ ବ୍ୟାୟମ ପାଇଁ ବିଭିନ୍ନ ସରଞ୍ଜାମ ଲଗାଯାଇଛି। ଏପରିକି ଯେଉଁ ମାତ୍ରାରେ ଯେତେ ପରିମାଣର ଏହି ଯୋଜନାରେ ଖର୍ଚ୍ଚ କରିବା କଥା ନକରି କେବଳ ହାତଗଣତି କାମ କରି ଅଞ୍ଚଳବାସୀଙ୍କୁ ଭୁଆଁ ବୁଲାଉଛି କମ୍ପାନୀ କର୍ତ୍ତୃପକ୍ଷ। କେବଳ ଲୋକଦେଖାଣିଆ ଭାବେ ସେମାନଙ୍କ ମନମୁତାବକ କାର୍ଯ୍ୟ କରୁଛନ୍ତି। ଆଇଆରଇ କମ୍ପାନୀ ସେମାନଙ୍କ ଅଞ୍ଚଳର ଲୋକମାନଙ୍କ ପାଇଁ ପ୍ରତିବର୍ଷ କିଛି କାମ କରିବେ ଫଳରେ ସେହି ଅଞ୍ଚଳର କିଛି ଉନ୍ନତି ହୋଇପାରିବ। ସେମାନଙ୍କ ଅଞ୍ଚଳରେ ଲୋକମାନଙ୍କ ପାଇଁ କଣ କଣ କାମ କରାଯିବ ସେମାନଙ୍କ କଣ ସୁବିଧା ଯୋଗାଇଛନ୍ତି ତାହା ଉପରେ କମ୍ପାନୀ ଏକ ଏକ୍ସନ ପ୍ଲାନ କରିବା କଥା କିନ୍ତୁ ଆଇଆରଇ କର୍ତ୍ତୃପକ୍ଷ ନିଜ ଇଛାରେ କାମ କରୁଛି। ଏପରିକି ବ୍ଲକ ସମିତି ବୈଠକରେ ମଧ୍ୟ ବହୁ ଜନପ୍ରତିନିଧିମାନେ ଆଇଆରଇଏଲ ଉପରେ ବିରକ୍ତି ପ୍ରକାଶ କରି ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଦାବି କରିଥିଲେ।



## ହ୍ୟାଣ୍ଡବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଆସିକା,୧୪ ।୧(ସମିସ):** ଆସିକା ବ୍ଲକ ଅନ୍ତର୍ଗତ ଜୟପୁର ପଞ୍ଚାୟତର ଜୟପୁର ଠାରେ ତ୍ରିନାଥ ଠାକୁର ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ ଉଦଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମାଜସେବି ବଂଶୀଧର ନାହାକ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଲୁକ୍କାୟିତ ହୋଇଥିବା ଖେଳକୁ ଆଗକୁ ଆଣିବା ପାଇଁ ସମାଜସେବୀ ଶ୍ରୀ ନାହାକଙ୍କ ମୁଖ୍ୟ ଉଦ୍ଦେଶ ବୋଲି ଜଣାପଡିଛି। ସମ୍ମାନିତ ଅତିଥି ଭାବେ ଜୟପୁର ସମିତି ସଭ୍ୟ ଅମିତ ନାହକ, ବୁଲୁ ପାଣିଗ୍ରାହୀ, ସନ୍ତୋଷ ନାହାକ, କୁଶରାମ ମହାନ୍ତି ଯୋଗଦେଇଥିଲେ। ୧୬ଟି ଟିମ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ। ରିଫେରି ଭାବେ ପଞ୍ଚାନନ ନାହାକ ଓ ଶରତ ଚନ୍ଦ୍ର ନାହାକ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିବା ବେଳେ ପ୍ରଥମ ଉଦଘାଟନ ଉତ୍ସବରେ ଆସିକା କାଳୀମୁଖି ସହ କବିସୂର୍ଯ୍ୟନଗର ଟିମ ମୁହାଁମୁହିଁ ହୋଇଥିଲେ। ଆସିକା ଦଳ ବିଜୟୀ ହୋଇଥିଲା। ସଭାପତି କାମରାଜୁ ନାହାକ, ସମ୍ପାଦକ ସୋଫାନ ନାହାକ, ଚିତ୍ର ସନ ନାହାକ, କେଶବ ନାହାକ କାଳିଆ ସେଠୀ, ଜଗନ୍ନାଥ ନାୟକ ଓ ସିଲୁ ଜେନା ସହଯୋଗ କରିଥିଲେ।

